୩-୧ରେ ଦିନିକିଆ ସିରିଜ୍
ଜିତିଲା ଟିମ୍ ଇଣ୍ଡିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କାଳିକା

The Sambad Kalika

e-paper www.sambadkalika.in

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ବିର୍ଜାଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଅକ୍ଟୋ ୦୦.୨୦୨୬ : ୩୪ଟି ଅଷ୍ଟମୀ

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୮୫ ● ୧୬ ନଭେମ୍ବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-285 ● 16th November 2026, Monday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ମାଲକାନଗିରିରେ ରାଜ୍ୟସ୍ତରୀୟ 'ଜନଜାତୀୟ ଗୌରବ ଦିବସ'

ଜନଜାତି ବର୍ଗଙ୍କ ସଶକ୍ତିକରଣ ବିନା ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଗଠନ ଅସମ୍ଭବ

ମାଲକାନଗିରି/ଭୁବନେଶ୍ୱର, ୧୫।୧୧
ନ୍ୟୁଜ୍ ବ୍ୟୁରୋ

ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ସମାଜର ଆରାଧ୍ୟ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ତଥା ଜାତୀୟ 'ଜନଜାତୀୟ ଗୌରବ ଦିବସ' ଅବସରରେ ରବିବାର ମାଲକାନଗିରି ଠାରେ ରାଜ୍ୟସ୍ତରୀୟ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଜନଜାତି ବର୍ଗ ହେଉଛନ୍ତି ଦେଶର ସବୁଠାରୁ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ବର୍ଗ। ସେମାନଙ୍କ ସଶକ୍ତିକରଣ ବିନା ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଗଠନ ଅସମ୍ଭବ ବୋଲି ସେ କହିଥିଲେ।

ଏହି ଅବସରରେ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବାରେ ବିର୍ସା ଥିଲେ ଜଣେ ଅଗ୍ରଣୀ ନାୟକ। ତାଙ୍କ ପ୍ରେରଣାରେ ସମଗ୍ର ଆଦିବାସୀ ସମାଜ ସ୍ୱାଧୀନଚେତା ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଛନ୍ତି।



ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ ଦେଶର ଆଦିବାସୀମାନେ ଆଜି ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ ହେଉଛନ୍ତି ବୋଲି ସେ କହିଥିଲେ।

ଏହି ଅବସରରେ ଜନସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନଜାତି ବର୍ଗର ସାମଗ୍ରିକ ଉନ୍ନତିରେ ହିଁ ଆମେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିପାରିବା। ଏହି ଜନଜାତୀୟ ଗୌରବ ଦିବସ ପାଳନ କେବଳ ଏକ ଆନୁଷ୍ଠାନିକ ଉତ୍ସବ ନୁହେଁ, ବରଂ ଏହା ଆମ ଜନଜାତି ସମାଜର ଗୌରବମୟ ଇତିହାସ, ପରମ୍ପରା, ଭାଷା, କଳା, ସଂସ୍କୃତି ଓ ଐତିହ୍ୟକୁ ସ୍ମରଣ କରିବା ସହିତ ଆଗାମୀ ପିଢ଼ି ମଧ୍ୟରେ ଏହାର ସୁରକ୍ଷା ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବାର ଏକ ମହତ୍ତ୍ୱପୂର୍ଣ୍ଣ ଅବସର।

ମାଲକାନଗିରି ଜନସଂଖ୍ୟାର ୫୮ ପ୍ରତିଶତ ହେଉଛନ୍ତି ଜନଜାତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେଥିପାଇଁ ସାମାଜିକ, ଆର୍ଥିକ ଓ ପ୍ରଶାସନିକ ଦୃଷ୍ଟିରୁ ମାଲକାନଗିରିକୁ ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ମାଲକାନଗିରି ଜିଲ୍ଲାରେ ୪,୨୦୦ କୋଟି ଟଙ୍କା ବିନିଯୋଗରେ ଦୁଇଟି ଶିଳ୍ପ ପ୍ରକଳ୍ପ ଖୁବ୍ *(ପୃଷ୍ଠା ୭ରେ)*

ନକ୍ସଲ ହିଂସାର ସବୁଠାରୁ ବଡ଼ ଶିକାର ହୋଇଛନ୍ତି ଆଦିବାସୀ



ନୂଆଦିଲ୍ଲୀ, ୧୫।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଆଦିବାସୀ ସମ୍ପ୍ରଦାୟ ନକ୍ସଲ ହିଂସାର ସବୁଠାରୁ ବଡ଼ ଶିକାର ହୋଇଛନ୍ତି । ପୂର୍ବ ସରକାର ଆଦିବାସୀ ସମ୍ପ୍ରଦାୟଙ୍କୁ ଦୟନୀୟ ସ୍ଥିତିରେ ରଖିଥିଲେ। ପ୍ରଧାନମନ୍ତ୍ରୀ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା 'ଆଦିବାସୀ ଗୌରବ ଦିବସ' ପାଳନ ଅବସରରେ ମହାରାଷ୍ଟ୍ରର ଗଡଚିରୋଲିରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ଭର୍ଚୁଆଲ୍ ଭାବରେ ସମ୍ବୋଧିତ କରି ଏହି ମନ୍ତବ୍ୟ ଦେଇଛନ୍ତି । ଭାରତ ନକ୍ସଲବାଦ-ମାଓବାଦରୁ ମୁକ୍ତ ହୋଇଛି ଏବଂ ହିଂସା ଦ୍ୱାରା ସର୍ବାଧିକ ପ୍ରଭାବିତ ଆଦିବାସୀ ସମ୍ପ୍ରଦାୟ ଏବେ ଦେଶକୁ ସେମାନଙ୍କର ଆଶୀର୍ବାଦ ଦେଉଛନ୍ତି। ଦେଶର ଦୁଇଟି ସଫଳତା ବିଷୟରେ ସବୁଠି ଆଲୋଚନା ହେଉଛି । ପ୍ରଥମ ସଫଳତା ହେଉଛି ଦେଶର ପ୍ରାୟ ୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା। ଦ୍ୱିତୀୟ ସଫଳତା ହେଉଛି ଦେଶକୁ ନକ୍ସଲବାଦ ମାଓବାଦୀ ଆତଙ୍କବାଦରୁ ମୁକ୍ତ କରିବା ।

ବର୍ତ୍ତମାନର ଅତୀତ ସହିତ ତୁଳନା କରି ସେ ଦଶ ବର୍ଷ ପୂର୍ବର ହିଂସାର ଭୟଙ୍କରତାକୁ ମନେ ପକାଇ କହିଛନ୍ତି, ଗଡଚିରୋଲି ସମେତ ଦେଶର ଆଦିବାସୀ ଅଞ୍ଚଳର ଲୋକମାନେ ଜାଣନ୍ତି ଯେ ନକ୍ସଲବାଦୀ ହିଂସା ଆଦିବାସୀ ସମ୍ପ୍ରଦାୟକୁ ସର୍ବାଧିକ କ୍ଷତି ପହଞ୍ଚାଇଛି। ୨୦୧୪ ମସିହାରେ, ଦେଶର ପ୍ରାୟ ୧୨୫ ଜିଲ୍ଲା ନକ୍ସଲବାଦ-ମାଓବାଦ ଦ୍ୱାରା ପ୍ରଭାବିତ ହୋଇଥିଲା। ପ୍ରତିବର୍ଷ ଶହ ଶହ ହିଂସା ଘଟଣା ଘଟୁଥିଲା। ଏହି ଘଟଣାରେ ହଜାର ହଜାର ନିରୀହ ଲୋକ ପ୍ରାଣ ହରାଉଥିଲେ। ସେମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ଆଦିବାସୀ ଥିଲେ।

ପୂର୍ବ ସରକାର ଆଦିବାସୀଙ୍କ ଅଧିକାର ଛଡ଼ାଇ ନେଇ କେବଳ ନୀରବ ଦର୍ଶକ ପାଲଟିଥିଲେ। ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଭୋଟ ଦେବାକୁ ମଧ୍ୟ ଅନୁମତି ଦିଆଯାଉନଥିଲା। ନକ୍ସଲମାନେ ଆଦିବାସୀମାନଙ୍କୁ ସେମାନଙ୍କ ମତଦାନ ଅଧିକାରରୁ ବଞ୍ଚିତ କରିଥିଲେ। ସେତେବେଳର ସରକାର ନକ୍ସଲଙ୍କର ଏଭଳି କାର୍ଯ୍ୟ ପ୍ରତି ଆଖି ବନ୍ଦ କରି ଦେଇଥିଲେ। ଆଜି, ଯେତେବେଳେ ନକ୍ସଲବାଦ-ମାଓବାଦର ମୂଲୋତ୍ପାଟନ କରାଯାଇଛି, ଆଦିବାସୀ ସମ୍ପ୍ରଦାୟର ମା' ଏବଂ ଭଉଣୀମାନେ ଆମକୁ ସେମାନଙ୍କର ଆଶୀର୍ବାଦ ଦେଉଛନ୍ତି।

କିଛି ଦିନ ପୂର୍ବରୁ, ମୁଁ ଛତିଶଗଡର ବସ୍ତରର ହୃଦୟରେ ସୁରକ୍ଷା ବାହିନୀ ସହିତ ଦୀପାବଳି ପାଳନ କରିଥିଲି। ସେ ଅଞ୍ଚଳକୁ ଲୋକମାନେ ଦିନେ ଯିବାକୁ ଭୟ କରୁଥିଲେ। ଗଡଚିରୋଲି ସମେତ ସମସ୍ତ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଦୀପାବଳିର ଦୀପ ଦ୍ୱାରା ଆଶାର କିରଣ ଲୋକଙ୍କ ପାଖରେ ପହଞ୍ଚିଛି।

ବର୍ତ୍ତମାନର ସରକାର ଆଦିବାସୀ ଅଞ୍ଚଳଗୁଡ଼ିକର ବିକାଶ ପାଇଁ ମିଳିତ ପ୍ରୟାସ କରୁଛନ୍ତି। ସେଥିପାଇଁ ସରକାର ୧ ଲକ୍ଷ କୋଟିରୁ ଅଧିକ ବ୍ୟୟ ବରାଦ କରିଛନ୍ତି।

ସ୍ୱାଧୀନତା ପରଠାରୁ ୫୦ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ଭାରତର ସବୁଠାରୁ ବଡ଼ ସଫଳତା ମଧ୍ୟରୁ ଗୋଟିଏ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ଆଦିବାସୀ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ସୁଯୋଗ ଏବଂ ସାମୁଦାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୩ୀ ଶହ କୋଟି *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ଅରୁଣାଚଳ ପ୍ରଦେଶର ନାମସାଇରେ ପହଞ୍ଚିଲା ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି।
- ଆଜିଠାରୁ ଆରମ୍ଭ ହେବ ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ଫୋରେନସିକ୍ ଉପରେ ଜାତୀୟ ସମ୍ମିଳନୀ।
- ବାୟୁସେନାର ୧୩ତମ ବେସ୍ ରିପେୟାର ଡିପୋ ପାଳନ କଲା ସେବାର ୫୦ ବର୍ଷ ପୂର୍ତ୍ତି ଉତ୍ସବ।
- ମହାକାଶରେ ୨୨ ଘଣ୍ଟା ବିତାଇ ପୃଥିବୀକୁ ଫେରିଲା ସ୍ପେସ୍‌ଏକ୍ସର ଷ୍ଟାରସିପ୍ ରକେଟ୍।

ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଆର୍ଥିକ ଲକ୍ଷ୍ୟ ସହ ଏକ ରଣନୈତିକ ଆବଶ୍ୟକତା

ନୂଆଦିଲ୍ଲୀ, ୧୫।୧୧

ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା କେବଳ ଏକ ଆର୍ଥିକ ଲକ୍ଷ୍ୟ ନୁହେଁ, ବରଂ ଏକ ରଣନୈତିକ ଆବଶ୍ୟକତା ମଧ୍ୟ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅଣ-ବିନାଶକାରୀ ମୂଲ୍ୟାଙ୍କନ ଏବଂ ସମର୍ଥନ ପ୍ରଯୁକ୍ତିବିଦ୍ୟା ଉପରେ ଅନୁଷ୍ଠିତ ୩୬ତମ ବାର୍ଷିକ ସମ୍ମିଳନୀ ଏବଂ ଅନ୍ତରୀକ୍ଷ ଉପରେ ଅନ୍ତର୍ଜାତୀୟ ଆଲୋଚନାଚକ୍ରକୁ ଭର୍ଚୁଆଲ୍ ଭାବରେ ସମ୍ବୋଧିତ କରି କହିଛନ୍ତି। ସେ ଉନ୍ନତ ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟାରେ ସ୍ୱଦେଶୀ କ୍ଷମତା ବିକାଶ, ସ୍ଥିର ଗୁଣବତ୍ତା ନିଶ୍ଚିତତା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପରୀକ୍ଷା ଫଳାଫଳର ସଠିକତା, ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ଉପରେ



ଗୁରୁତ୍ୱାରୋପ କରିଛନ୍ତି।

ଭାରତ କ୍ଷେପଣାସ୍ତ୍ର ବିକାଶ, ନୌସେନା ପ୍ଲାଟଫର୍ମ, ଏରୋସ୍ପେସ୍ ଇଞ୍ଜିନିୟରିଂ, ରାଡାର ସିଷ୍ଟମ ଏବଂ ମହାକାଶ ପ୍ରୟୋଗରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଏହି ସଫଳତା ଦେଶର ବୈଜ୍ଞାନିକ, ଇଞ୍ଜିନିୟର, ଉତ୍ପାଦନ ସଂସ୍ଥା ଏବଂ ଶିଳ୍ପର ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା କ୍ଷମତାକୁ ପ୍ରତିଫଳିତ କରିଥାଏ। ଆଧୁନିକ ଏବଂ ଜଟିଳ ପ୍ରଣାଳୀ ଭାରତର ପ୍ରତିରକ୍ଷା ପ୍ରଣାଳୀରେ ଅନ୍ତର୍ଭୁକ୍ତ ହେବା ସହିତ, ସେମାନଙ୍କର ଗୁଣବତ୍ତା ଏବଂ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହୋଇଗଲାଣି। ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ, ଉପାଦାନ, ସମାବେଶ ଏବଂ ଉତ୍ପାଦନ ପ୍ରକ୍ରିୟା ଗୁଣବତ୍ତାର ସର୍ବୋଚ୍ଚ ମାନଦଣ୍ଡ ପୂରଣ କରିବା ଉଚିତ୍।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, କୌଣସି ଦେଶର ପ୍ରଗତି କେବଳ ଏହା ଦ୍ୱାରା ବିକଶିତ ପ୍ରଯୁକ୍ତିବିଦ୍ୟା ଦ୍ୱାରା ନୁହେଁ, ବରଂ ସେହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି *(ପୃଷ୍ଠା ୭ରେ)*

ବଙ୍ଗୋପସାଗରରେ ଲଘୁଚାପ ବଳୟ 'ଅକବନ', ୧୮ରୁ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୫।୧୧ : ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରର ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରେ ଏକ ବିରାଟ ଲଘୁଚାପ ବଳୟ 'ଅକବନ' ସୃଷ୍ଟି ହୋଇଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ଓଡ଼ିଶାରେ ପଡ଼ିବା ଆଶଙ୍କା କମ୍ ରହିଛି, ତେବେ ଏହାର ପ୍ରଭାବରେ ଓଡ଼ିଶାରେ ୧୮ ତାରିଖରୁ ଦୁଇ-ତିନି ଦିନ ଧରି ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ରବିବାର ଅପରାହ୍ନରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ ଏନେଇ ସୂଚନା ଦିଆଯାଇଛି। ସୂଚନାନୁସାରେ, ସମ୍ପ୍ରତି ଲଘୁଚାପ ବଳୟ ଘଣ୍ଟାକୁ ୧୦ କିମି ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତିକରୁଛି। ଏହା ଓଡ଼ିଶାର ଗୋପାଳପୁର ଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୧୧୩୦ କିମି ଦୂରରେ ରହିଛି। ଆନ୍ଧ୍ରପ୍ରଦେଶ ବିଶାଖପାଟଣା ଠାରୁ ସେହି ଦିଗରେ ୧୦୧୦ କିମି ଦୂରରେ ଥିବା ବେଳେ ତାମିଲନାଡୁର ଚେନ୍ନାଇ ଠାରୁ ୮୪୦ କିମି ଓ ଶ୍ରୀଲଙ୍କାର ତ୍ରିଙ୍କୋମାଲି ଠାରୁ ୬୩୦ କିମି ଦୂରରେ ଅବସ୍ଥିତ।

ଏହା ୧୬ ତାରିଖରେ ଘୂର୍ଣ୍ଣିଝଡ଼ର ରୂପ ନେବ ଓ ୧୭ ନଭେମ୍ବରରେ ଏହା ଭୀଷଣ ଘୂର୍ଣ୍ଣିଝଡ଼ରେ ପରିବର୍ତ୍ତିତ ହେବ। ୧୮ ତାରିଖ ବେଳକୁ ଏହାର ଘଣ୍ଟାପ୍ରତି *(ପୃଷ୍ଠା ୭ରେ)*

ଏକାଳ ପଖାଳ



କଳା କ୍ୟାପ୍ ବାଲା ମାଟି କାମୁଡିଲେ
ହେଉଥିଲେ ଫଡଫଡ
ଏତେ ବର୍ଷ ପରେ ସିରିଜ୍ ହାରିଲା
ଭାରତ ଭେଦିଲା ଗଡ
ଭରଷା ବରଷା ୫ଡ
ହେଲେ ସେସବୁ କିଛି ହେଲାନାହିଁ
ଭାଙ୍ଗିଲା ଗରବ ତୋଡ ।



15001/136/2627

ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ସମସ୍ତ ସାମ୍ବାଦିକ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।

ଲୋକମତ ସୃଷ୍ଟି, ସମାଜ ପରିବର୍ତ୍ତନ ଓ ଦେଶ ନିର୍ମାଣରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଠିକ୍ ଓ ନିରପେକ୍ଷ ଖବର ପ୍ରସାରଣ ସହିତ ସମାଜରେ ମୂଲ୍ୟବୋଧ, ନୈତିକତା, ସଚ୍ଚତା ଓ ସତ୍ୟତାକୁ ଗୁରୁତ୍ୱ ଦେଇ ଗଣମାଧ୍ୟମ ଉତ୍ତମ ନାଗରିକ ସଂସ୍କୃତି ନିର୍ମାଣରେ ସହାୟକ ହୋଇଥାଏ । ସମାଜର ତୃଣମୂଳ ସ୍ତରରେ ଥିବା ଲୋକଟିର ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଗଣତନ୍ତ୍ରର ସୁରକ୍ଷା ଦିଗରେ ଗଣମାଧ୍ୟମର ପ୍ରୟାସ ପ୍ରଶଂସନୀୟ ।

ଚଳିତ ବର୍ଷର ପ୍ରେସ୍ ଦିବସର ବିଷୟବସ୍ତୁ ହେଉଛି 'ସାମ୍ବାଦିକତା: ଲୋକପ୍ରିୟତା ବନାମ ଦାୟିତ୍ୱବୋଧ' । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ସହ ସଂପୃକ୍ତ ବନ୍ଧୁମାନେ ସାମ୍ବାଦିକତାକୁ ଏକ ସାମାଜିକ ଓ ନୈତିକ ଦାୟିତ୍ୱ ଭାବେ ଗ୍ରହଣ କରି ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସେମାନଙ୍କର ବହୁମୂଲ୍ୟ ଅବଦାନ ରଖିବେ ବୋଲି ମୋର ଆଶା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0135

ମୃତ୍ୟୁ ଦଣ୍ଡ ଉଚ୍ଛେଦ ପ୍ରସ୍ତାବକୁ ଭାରତର ବିରୋଧ



ନ୍ୟୁୟର୍କ, ୧୫।୧୧

ମୃତ୍ୟୁଦଣ୍ଡକୁ ବିଶ୍ୱବ୍ୟାପୀ ବନ୍ଦ କରିବା ଦାବିରେ ଜାତିସଂଘରେ ଆଗତ ଏକ ପ୍ରସ୍ତାବକୁ ଭାରତ ବିରୋଧ କରିଛି। ମୃତ୍ୟୁଦଣ୍ଡ ଉପରେ ସାମୟିକ ରୋକ୍ ଲଗାଇବା ସହ ଏହାକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରିବା ଲକ୍ଷ୍ୟରେ ମେକ୍ସିକୋ ଏହି ପ୍ରସ୍ତାବ ଆଣିଥିଲା। ୧୯୩ ସଦସ୍ୟ ବିଶିଷ୍ଟ ଜାତିସଂଘ ମହାସଭାରେ ଏହା ଉପରେ ଭୋଟ୍ ହୋଇଥିଲା। ପ୍ରସ୍ତାବ ସପକ୍ଷରେ ୧୩୩ଟି ଦେଶ ଭୋଟ୍ ଦେଇଥିବା ବେଳେ ୩୩ଟି ଦେଶ ବିପକ୍ଷରେ ମତ ଦେଇଥିଲେ। ଅନ୍ୟ ୧୬ଟି ଦେଶ ଭୋଟ୍‌ଦାନରୁ ବିରତ ରହିଥିଲେ।

ଭାରତ ସହିତ ଆମେରିକା, ଚୀନ୍, ଜାପାନ, ପାକିସ୍ତାନ, ଇରାନ, ଇରାକ, ସାଉଦି ଆରବ, ଇଜିପ୍ଟ, ବାହାରିନ୍ ଓ କୁଏତ୍ ଭଳି ଦେଶ ମଧ୍ୟ ଏହାକୁ ବିରୋଧ କରିଥିଲେ। ପ୍ରସ୍ତାବରେ ବିଶ୍ୱରେ ମୃତ୍ୟୁଦଣ୍ଡ ଜାରି ରହିଥିବା ନେଇ ଗଭୀର ଚିନ୍ତା ପ୍ରକାଶ କରାଯାଇଥିଲା। ସମସ୍ତ ଦେଶ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରିବା ଉପରେ ସାମୟିକ ରୋକ୍ ଲଗାଇବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଯେଉଁ ଦେଶଗୁଡ଼ିକ ମୃତ୍ୟୁଦଣ୍ଡ ଉଚ୍ଛେଦ କରିସାରିଛନ୍ତି, ସେମାନେ ଏହାକୁ ପୁନର୍ବାର ଲାଗୁ ନକରିବାକୁ ମଧ୍ୟ କୁହାଯାଇଥିଲା।

ପ୍ରସ୍ତାବରେ କେତେକ ବିଶେଷ ବର୍ଗର ଲୋକଙ୍କୁ ମୃତ୍ୟୁଦଣ୍ଡରୁ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୧୬ ନଭେମ୍ବର ୨୦୨୬ ସୋମବାର



ପୃଷ୍ଠା ୨

କୋଟିଏ ହସ-ବାର୍ଷିକ ଶିଶୁ ମହୋତ୍ସବ ଅନୁଷ୍ଠିତ

ପ୍ରତ୍ୟେକ ଶିଶୁ ମୁହଁରେ ହସ ଫୁଟାଇବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ

ବାଲେଶ୍ୱର, ନ୍ୟୁଜ

ଶିଶୁ ଦିବସ ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସହଯୋଗରେ ଜିଲ୍ଲାସ୍ତରୀୟ 'କୋଟିଏ ହସ-ବାର୍ଷିକ ଶିଶୁ ମହୋତ୍ସବ ୨୦୨୬' ମ୍ୟୁନିସିପାଲିଟି ପ୍ରକଳ୍ପ ଅଧିନସ୍ଥ ପଟାପୋଲ ଅଙ୍ଗନବାଡ଼ି କେନ୍ଦ୍ରର ସଭାଗୃହରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ବାମଦେବ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନ କରିବା ସହିତ ମହୋତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି ଯୋଗଦାନ କରି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ ପୂର୍ବକ ଶିଶୁମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଶ୍ରୀମତୀ ସବିତା ସାହୁ, ଅଧ୍ୟକ୍ଷା ମ୍ୟୁନିସିପାଲିଟି, ଏସ୍ କେ ନାଉସାଦ୍ ଅଲ୍ଲୀ, ୱାର୍ଡ କାଉସିଲର, ପ୍ରୋଟେକ୍ସନ ଅଫିସର ଶ୍ରୀମତୀ ଯୁଥିକାରାଣୀ ରାୟ, ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଗିରିବାଲା ମହନ୍ତ, ପ୍ରମୁଖ ଯୋଗ ଦେଇ କହିଥିଲେ ଶିଶୁମାନେ ହେଉଛନ୍ତି ଆମ ଦେଶର ଆଗାମୀ ଉଜ୍ଜ୍ୱଳ ଭବିଷ୍ୟତ। ପ୍ରତ୍ୟେକ ଶିଶୁ ମୁହଁରେ ହସ ଫୁଟାଇବା ଆମ ସମସ୍ତଙ୍କର ଉତ୍ତମ ଦାୟିତ୍ୱ ଓ କର୍ତ୍ତବ୍ୟ। ସୁସ୍ଥ ପୋଷଣ, ଉତ୍ତମ ଶିକ୍ଷା ଏବଂ ସୁରକ୍ଷିତ ପରିବେଶ ମିଳିଲେ ହିଁ ଶିଶୁମାନଙ୍କର ମାନସିକ ଓ ଶାରିରୀକ ହେବା ସହିତ ସେମାନେ ଆଗକୁ ବଢ଼ି ପାରିବେ। କୋଟିଏ ହସ କାର୍ଯ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ସହାୟକ ହେବ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ସହିତ ପୋଷଣ ପ୍ରଦର୍ଶନୀ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଶିଶୁ ଅଧିକାର ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ପ୍ରକଳ୍ପ ସୁପରଭାଇଜର, ପ୍ରକଳ୍ପ କର୍ମଚାରୀ, ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମକର୍ତ୍ତାଗଣ, ମହିଳା ସଶକ୍ତିକରଣ କାର୍ଯ୍ୟଳୟର କର୍ମକର୍ତ୍ତାଗଣ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ବିଭିନ୍ନ ଅଙ୍ଗନବାଡ଼ିର ଶିଶୁଗଣ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ କିଶୋରୀ ବାଳିକାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଭାରପ୍ରାପ୍ତ ପ୍ରକଳ୍ପ ଅଧିକାରିଣୀ ମଧୁସ୍ମିତା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ଉଦଯାପିତ କରିଥିଲେ।

କୁନି କୁନି ପିଲାଙ୍କ ଗହଣରେ ଶିଶୁ ଦିବସ ପାଳିଲେ ଗଣଶିକ୍ଷା ମନ୍ତ୍ରୀ

ଆଜିର ଶିଶୁ ହିଁ ଆସନ୍ତାକାଲିର ଭବିଷ୍ୟତ : ନିତ୍ୟାନନ୍ଦ ଗଣ୍ଡ

ରାଇଘର, ନ୍ୟୁଜ ବ୍ୟୁରୋ

ପବିତ୍ର ଶିଶୁ ଦିବସ ଅବସରରେ କୁନି କୁନି ପିଲାଙ୍କ ଗହଣରେ ନିଆରା ଢଙ୍ଗରେ ସମୟ ବିତାଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଶିଶୁଙ୍କ ସହ ମିଶି ସେମାନଙ୍କ ମନକଥା ବୁଝିବା ସହ ଉପହାର ଦେଇ ଶିଶୁ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମନ୍ତ୍ରୀ।



ବିଦ୍ୟାଳୟ ଗସ୍ତ ଓ ଭାବ ବିନିମୟ: ଆଜି ମନ୍ତ୍ରୀ ଶ୍ରୀ ଗଣ୍ଡ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଲାଲପାରା ପ୍ରାଥମିକ ବିଦ୍ୟାଳୟ ଗସ୍ତ କରିଥିଲେ। ସେଠାରେ ସେ କୁନି କୁନି ଛାତ୍ରଛାତ୍ରୀଙ୍କୁ ଭେଟି ବେଶ୍ ଆନନ୍ଦର ସହ ସେମାନଙ୍କ ସହ ଭାବ ବିନିମୟ କରିଥିଲେ। ଉପହାର ବଣ୍ଟନ: ଏହି ଅବସରରେ ମନ୍ତ୍ରୀ ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ବହି, ପେନ୍‌ସିଲ୍, ଚକୋଲେଟ୍ ଏବଂ ବିସ୍କୁଟ ଆଦି ବଣ୍ଟନ କରିଥିଲେ। ମନ୍ତ୍ରୀଙ୍କୁ ନିଜ ଗହଣରେ ପାଇ ଛାତ୍ରଛାତ୍ରୀଙ୍କ ମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ସମାଜକୁ ମନ୍ତ୍ରୀଙ୍କ ବାର୍ତ୍ତା: ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ ଯେ, ଆଜିର ଶିଶୁ ହିଁ ଆସନ୍ତାକାଲିର ଭବିଷ୍ୟତ। ସେମାନଙ୍କ ସୁନ୍ଦର ଭବିଷ୍ୟତ ଗଠନ କରିବା କେବଳ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ନୁହେଁ, ବରଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କର ଏହା ନୈତିକ ଦାୟିତ୍ୱ।

ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସେମାନଙ୍କୁ ସବୁବେଳେ ଉତ୍ସାହିତ ଓ ପ୍ରୋତ୍ସାହିତ କରିବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହି ଅବସରରେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ବୌଦ୍ଧରେ ଡିସେମ୍ବର ୧୦ରୁ ଧନୁଯାତ୍ରା ନାଟ୍ୟୋତ୍ସବ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲାର ଅନ୍ୟତମ ପ୍ରମୁଖ ସାଂସ୍କୃତିକ ଆୟୋଜନ ଭାବେ ପରିଚିତ ଧନୁଯାତ୍ରା ନାଟ୍ୟୋତ୍ସବ ଆସନ୍ତା ଡିସେମ୍ବର ୧୦ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମା' ଭୈରବୀ ପଡ଼ିଆଠାରେ ଅନୁଷ୍ଠିତ ହେବ। ବୌଦ୍ଧର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀ ମଦନମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ନାଟ୍ୟୋତ୍ସବ ଆୟୋଜନ କରାଯାଉଛି। ୨୦୦୭ ମସିହାରୁ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନିରବଚ୍ଛିନ୍ନ ଭାବେ ଧନୁଯାତ୍ରା ନାଟ୍ୟୋତ୍ସବ ଓ କଂସ ବଧ ନାଟକ ମଞ୍ଚସ୍ଥ ହୋଇଆସୁଛି। ଚଳିତ ବର୍ଷ ଏହି ଯାତ୍ରା ୨୦ତମ ବର୍ଷରେ ପଦାର୍ପଣ କରୁଥିବାରୁ ଏହାକୁ ଅଧିକ ଆକର୍ଷଣୀୟ ଓ ସ୍ମରଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଦନମୋହନ ମନ୍ଦିର ପରିସରରେ ଅନୁଷ୍ଠାନର ସଭାପତି ରମେଶ ପ୍ରସାଦ ମେହେରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସଭାପତି ସାନୁର୍ଯ୍ୟ ବାରିକ, ସମ୍ପାଦକ ପଙ୍କଜ ମେହେର, ପରିଚାଳକ ବସନ୍ତ ମହାକୁଡ଼, କୋଷାଧ୍ୟକ୍ଷ ହରିଶଙ୍କର ମେହେର, ଭଣ୍ଡାରରକ୍ଷକ ଶେଷଦେବ ଦିଶିରୀ, ରୋହିତ ଗୌଡ଼, ରବିନାରାୟଣ ମହାକୁଡ଼, ନାଟ୍ୟକାର ହୃଦାନନ୍ଦ ମେହେର ଓ ନାଟ୍ୟ ନିର୍ଦ୍ଦେଶକ ଦେବାଙ୍ଗନ ମେହେରଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ବୈଠକରେ ଚଳିତ ବର୍ଷର ଧନୁଯାତ୍ରାକୁ ସୁଚାରୁ ଓ ସଫଳତାର ସହ ଆୟୋଜନ କରିବା ନେଇ ବିଭିନ୍ନ ଦିଗରେ ଆଲୋଚନା ସହ ମତାମତ ଓ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ନାଟ୍ୟୋତ୍ସବର ବିଭିନ୍ନ ଦିବସରେ ଆଧ୍ୟାତ୍ମିକ ସାହିତ୍ୟ ଆଲୋଚନାଚକ୍ର, ଭକ୍ତି କବିତା ପାଠୋତ୍ସବ ଏବଂ ଶ୍ରୀକୃଷ୍ଣଙ୍କ ଲୀଳା ଆଧାରିତ କୁଇଜ୍‌ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିସହ ଏହି ଅବସରରେ ଏକ ସ୍ୱତନ୍ତ୍ର ସ୍ମରଣିକା ମଧ୍ୟ ପ୍ରକାଶ ପାଇବ ବୋଲି ସଭାପତି ରମେଶ ପ୍ରସାଦ ମେହେର ସୂଚନା ଦେଇଥିଲେ। ଶେଷରେ ଉପସଭାପତି ସାନୁର୍ଯ୍ୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ଇନରହୁଇଲ କ୍ଲବ ପକ୍ଷରୁ କନ୍ୟା ସୁରକ୍ଷା ସଚେତନତା ଶୋଭାଯାତ୍ରା

ବ୍ୟାସନଗର, ନ୍ୟୁକ୍ ବ୍ୟୁରୋ

ଇନରହୁଇଲ କ୍ଲବ କଳିଙ୍ଗନଗର ଆନୁକୂଲ୍ୟରେ ଏକ କନ୍ୟା ସୁରକ୍ଷା ସଚେତନତା ଶୋଭାଯାତ୍ରା ଓ ଆଲୋଚନା ଚକ୍ର ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ରାଜଶ୍ରୀ ପରିଡ଼ା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉକ୍ତ ଆଲୋଚନା ଚକ୍ର କୁ ଅଧ୍ୟାପିକା ଦିପ୍ତିମୟୀ ରାଉତ ଓ ମମତାମୟୀ ଦାଶ ଆୟୋଜନ କରିଥିଲେ। ଆଲୋଚନାରେ ଭାଗ ନେଇ ହିରଣ୍ମୟୀ ମହାନ୍ତି, ସବିତା ଖୁଣ୍ଟିଆ, ରାଜଲକ୍ଷ୍ମୀ ବଳ, ମଞ୍ଜୁଲତା ନାୟକ, ଜୟଶ୍ରୀ ସାହୁ, ଅମ୍ବିକା ଚକ୍ର, ମଧୁସ୍ମିତା ଧଳ,ପ୍ରମୋଦିନୀ ଦାସ, ସନ୍ଧ୍ୟାରାଣୀ ଘଡ଼େଇ,ଅମିତା କୁମାରୀ, ସ୍ମୃତି ପ୍ରଭା ପାତ୍ର, ଲକ୍ଷ୍ମୀପ୍ରିୟା ସାହୁ ଇତ୍ୟାଦି କନ୍ୟା ଗୋଟିଏ ଜାତି ତଥା ଦେଶର ଭବିଷ୍ୟତ। ଶିକ୍ଷା, ବିଜ୍ଞାନ, କ୍ରିଡ଼ା,କଳା, ସାହିତ୍ୟ ପ୍ରଶାସନ ତଥା ଅର୍ଥନୀତିରେ କନ୍ୟା ଶକ୍ତି ର ସକ୍ରିୟ ସହଭାଗିତା ଏକ ସମୃଦ୍ଧ ରାଷ୍ଟ୍ର ର ପରିଚୟ। କନ୍ୟା ମାନଙ୍କୁ ସୁରକ୍ଷା ଦେଇ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସ୍ୱପ୍ନ କୁ ସାକାର କରିବାର ସାମର୍ଥ୍ୟ ଦ୍ୱୋ ସମାଜର ସ୍ୱର ହେବା ଆବଶ୍ୟକ ବୋଲି ମତ ବ୍ୟକ୍ତ କରିଥିଲେ। ସମ୍ପାଦିକା ଜହ୍ନନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଚକ୍ର ପରେ ସଭ୍ୟା ଓ ମହାବିଦ୍ୟାଳୟର ଛାତ୍ରୀ ଏକ ସଚେତନତା ଶୋଭାଯାତ୍ରା କରିଥିଲେ।

ଓଡ଼ିଶାର ଶିକ୍ଷକ ଓ ବିଦ୍ୟାଳୟ ସମସ୍ୟା : ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ରାଇଘର, ନ୍ୟୁଜ ବ୍ୟୁରୋ

ରାଜ୍ୟରେ ଶିକ୍ଷକ ଓ ବିଦ୍ୟାଳୟଗୁଡ଼ିକର ଦୀର୍ଘଦିନର ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଶିକ୍ଷକଙ୍କ ବିଭିନ୍ନ ଦାବି ଓ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଏକାଧିକ ବଡ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୧୯୪ଟି ଅନୁଦାନବିହୀନ ବିଦ୍ୟାଳୟ। ରାଜ୍ୟର ମୋଟ ୧୯୪ଟି ଅନୁଦାନବିହୀନ ବିଦ୍ୟାଳୟକୁ ବ୍ଲକ୍ ଗ୍ରାଣ୍ଟ ପ୍ରଦାନ କରାଯିବା ନେଇ ଘୋଷଣା ହୋଇଛି। ପାର୍ଟଟାଇମ୍ ଶିକ୍ଷକଙ୍କ ଦରମା ବୃଦ୍ଧି। ପାର୍ଟଟାଇମ୍ ଶିକ୍ଷକମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି। ସେମାନଙ୍କ ଦରମା ମାସିକ ୧୦ ହଜାର ଟଙ୍କାରୁ ବୃଦ୍ଧି ପାଇଁ ୧୬ ହଜାର ଟଙ୍କା କରାଯାଇଛି। କଳା, କ୍ରୀଡ଼ା ଓ ସଙ୍ଗୀତ ଶିକ୍ଷକ ଏବଂ ମଧ୍ୟମା/ସଂସ୍କୃତ ବିଦ୍ୟାଳୟ। କଳା, କ୍ରୀଡ଼ା ଓ ସଙ୍ଗୀତ ଶିକ୍ଷକଙ୍କ ସମସ୍ୟାର ସମାଧାନ କରାଯିବା ସହ, ମଧ୍ୟମା ଓ ସଂସ୍କୃତ ବିଦ୍ୟାଳୟଗୁଡ଼ିକରେ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ ସ୍ୱତନ୍ତ୍ର ଯୋଜନା ହୋଇଛି। ଶିକ୍ଷା ସହାୟକ ଓ ପିଇଟି/ପିଜିଟି ବକେୟା ଦରମା। ୨୦୧୬ରୁ ୨୦୧୮ ମଧ୍ୟରେ ନିଯୁକ୍ତ ପାଇଥିବା ଶିକ୍ଷା ସହାୟକମାନଙ୍କୁ ନିୟମିତ କରାଯିବ। ଏହାସହିତ ୨୦୨୨ ବ୍ୟାଚ୍‌ର ପିଇଟି ଏବଂ ପିଜିଟି ଶିକ୍ଷକମାନଙ୍କର ବକେୟା ଦରମା ପ୍ରଦାନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଆଦର୍ଶ ବିଦ୍ୟାଳୟ ଓ ହଷ୍ଟେଲ୍ ବ୍ୟବସ୍ଥା। ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ବ୍ୟବସ୍ଥା ଏବଂ ବନ୍ଦ ପଡ଼ିଥିବା ହଷ୍ଟେଲଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ଥବ୍ଲକ୍ ଗ୍ରାଣ୍ଟ ପେନସନ୍ ପ୍ରସଙ୍ଗ। ବୈଠକରେ ବ୍ଲକ ଗ୍ରାଣ୍ଟ କର୍ମଚାରୀମାନଙ୍କ ପେନସନ୍ ଦାବୀ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ତେବେ ଏହା ବର୍ତ୍ତମାନ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ବିଚାରାଧୀନ ଥିବାରୁ, କୋର୍ଟଙ୍କ ଚୂଡ଼ାନ୍ତ ଆଦେଶ ପ୍ରାପ୍ତି ପରେ ଏହି ସମ୍ପର୍କରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସ୍ପଷ୍ଟ କରାଯାଇଛି। ଶିକ୍ଷକମାନଙ୍କ ଏହି ଦୀର୍ଘଦିନର ଦାବି ଏବଂ ବିଦ୍ୟାଳୟଗୁଡ଼ିକର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ କେତେଦୂର ସୁଧାର ଆଣୁଛି, ତାହା ବର୍ତ୍ତମାନ ଦେଖିବାର କଥା।

ରାଜସ୍ୱ ମାମଲାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ



କେନ୍ଦ୍ରାପଡା, ନ୍ୟୁକ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ରାଜସ୍ୱ ଅଧିକାରୀ ଚିନ୍ମୟୀ ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ରହି ରାଜସ୍ୱ ମାମଲା ଗୁଡିକୁ ତୁରନ୍ତ ଫଇସଲା କରିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ କବଳରେ ଥିବା ସରକାରୀ ଜମିକୁ ଉଦ୍ଧାର କରିବା, ଜବରଦଖଲ ଉଚ୍ଛେଦ କରିବା, ଦାଖଲ ଖାରଜ ମାମଲା ତୁରନ୍ତ ସମାଧାନ କରିବା, ପଟ୍ଟା ସଂଶୋଧନ, ରାଜସ୍ୱ ଆଦାୟ ସହିତ ଚୋରାବାଲି ଓ ସରକାରୀ ଜମିରୁ ମାଟି ଉଠାଉଥିବା ଗାଡି ଗୁଡିକ ଜବତ କରି ଜରିମାନା ଆଦାୟ କରିବା, ଜିଲ୍ଲାରେ ଥିବା ସମସ୍ତ ସ୍କୁଲ୍ ଓ କଲେଜକୁ ଜାଗା ହସ୍ତାନ୍ତର ପ୍ରକ୍ରିୟାରେ ତାଙ୍କ ନାମରେ ପୃଥକ ପୃଥକ ପଟ୍ଟା ବଣ୍ଟନ କରିବା ଏବଂ ଆବେଦନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କର ପ୍ରମାଣପତ୍ର, ଆୟ ଏବଂ ବାସସ୍ଥାନ ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଥିଲା।

ଜଙ୍ଗଲ ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ଜିଲ୍ଲା ଖପରା ଖୋଲ ବ୍ଲକ ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଦ୍ଦାବାଦ ସଂଗଠନ , ବଲାଙ୍ଗିର ତରଫରୁ ବ୍ଲକ ସ୍ତରୀୟ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସଙ୍କ ଆଇନ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ରେ ତ୍ରିଲୋଚନ ପୁଞ୍ଜି ଅଧ୍ୟକ୍ଷତା କରିଥିଲେ। ଏବଂ ସାଧନ କର୍ମୀ ରୂପେ ଅଭୟ କୁମାର ତ୍ରିପାଠୀ ଯୋଗ ଦେଇ ଗୋଷ୍ଠିଗତ ଜଙ୍ଗଲ ସମ୍ବଳର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସଂଗଠନର ଉପଦେଷ୍ଟା ତ୍ରିଲୋଚନ ପୁଞ୍ଜି ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବା ବେଳେ ସଂଗଠନର ସଂଗଠକ ଗୋଲାପ ନିଆଲ ଭବିଷ୍ୟତ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଏହି କର୍ମଶାଳାରେ ଜିଦ୍ଦାବାଦ ସଂଗଠନର ବ୍ଲକ ସମ୍ପାଦକ ସ୍ୱୟଂବର ମାଝି, ସଂଗଠନ ନାରୀନେତ୍ରୀ ଗୋଲାପୀ ବିଶି, ଜଙ୍ଗଲ ଅଧିକାର କମିଟି ସଭାପତି ପରମାନନ୍ଦ ଖମାରୀ, ରାଜନ ପ୍ରଧାନୀ, ଗୋକୁଳ ମାଝୀ ସମେତ ଜିଦ୍ଦାବାଦ ସଂଗଠନ ବ୍ଲକ ସ୍ତରୀୟ ସଭ୍ୟ ମାନେ ମଞ୍ଚାସୀନ ଥିଲେ ଓ କ୍ଷୀରସିନ୍ଧୁ ମାଝୀ, ମିଳନ ପୁଞ୍ଜି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଶତାଧିକ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ, ଜଙ୍ଗଲ ଅଧିକାର କମିଟିର ସଭାପତି, ସମ୍ପାଦକ, ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ନୂଆଁଖାଇ ଭେଟଘାଟ୍

ବରଗଡ, ନ୍ୟୁଜ୍ ବ୍ୟୁରୋ

ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟିର ବୈଠକ ଏ .ଇ. ମିସନ ସ୍କୁଲ ଠାରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦଧିବାବନ ଶତପଥି ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜନରେ ସମସ୍ତଙ୍କ ସହଯୋଗ ପାଇଁ ଏବଂ ବିଭିନ୍ନ ଜିଲ୍ଲାରୁ ଯୋଗଦାନ କରି ସଫଳ କରିଥିବାରୁ ଧନ୍ୟବାଦ ଜଣାଇବା ସହ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ଖୋଲା ହୃଦୟରେ ସହଯୋଗ ପାଇଁ ସାଧୁବାଦ ଜଣେଇଥିଲେ।ସଂଗଠନ ସମ୍ପାଦକ ପ୍ରଦୀପ ଦେବତା ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ। ସର୍ଦ୍ଦାର ପ୍ରିତମ ସିଂଙ୍କ ସଂଯୋଜନାରେ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମର ସମୀକ୍ଷା ହୋଇଥିଲା, । ଆସନ୍ତା ୨୦ ତାରିଖ ସକାଳ ୦୯ ଘଣ

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୧୬ ନଭେମ୍ବର ୨୦୨୬ ସୋମବାର



ଶିକ୍ଷାର ମୁଖ୍ୟସ୍ରୋତକୁ ଫେରିବେ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀ

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ

ଜିଲ୍ଲାରେ ଶିକ୍ଷାରୁ ବଞ୍ଚିତ ଓ ପାଠପଢ଼ା ଅଧାରୁ ଛାଡ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଆଜି ପିଏମ୍ ଶ୍ରୀମହାରାଜା ଉଚ୍ଚ ବିଦ୍ୟାଳୟ, ସୋନପୁର ପରିସରରେ ଏସ୍‌ଆଇଓଏସ୍ ଓ ଏନ୍‌ଆଇଓଏସ୍ ନାମଲେଖା ନିମନ୍ତେ ଏକ ମେଗା ଓରିଏଣ୍ଟେସନ୍ କମ୍ ଆଡମିଶନ୍ କ୍ୟାମ୍ପ ଆୟୋଜିତ ହୋଇଥିଲା। ଜିଲ୍ଲା ଅଧ୍ୟୟନ କେନ୍ଦ୍ର, ସୁବର୍ଣ୍ଣପୁର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ଲାନ କୁମାର ପାଣ୍ଡିଆ ଓ ଏନ୍‌ଆଇଓଏସ୍ ଇନ୍‌ଚାର୍ଜ ବିଶ୍ୱନାଥ ମେହେର ଯୋଗଦେଇ ଶିକ୍ଷାର ସାର୍ବଜନୀନତା ଏବଂ ବିକଳ୍ପ ଶିକ୍ଷା ବ୍ୟବସ୍ଥାର ଉପଯୋଗିତା ବିଷୟରେ ନିଜର ମତ ରଖିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକା ଅନୁଲିତା ମିଶ୍ର ଏହି ଅଭିଯାନର ଗୁରୁତ୍ୱ ଉପରେ ମତ ରଖି ଶିକ୍ଷାରୁ ଦୂରେଇ ରହିଥିବା ପିଲା ଓ ଯୁବପିଢ଼ିଙ୍କୁ ଚିହ୍ନଟ କରି ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ପାଇଁ ସମୂହ ପ୍ରୟାସର ଆବଶ୍ୟକତା, ଏସ୍‌ଆଇଓଏସ୍ ଏବଂ ଏନ୍‌ଆଇଓଏସ୍‌ର ନାମଲେଖା ପ୍ରକ୍ରିୟା, ପାଠ୍ୟକ୍ରମ ଓ ପାଠପଢ଼ା ଜାରି ରଖିବାର ବିଭିନ୍ନ ସୁଯୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ପରିଚାଳନାରେ ବିଦ୍ୟାଳୟର ସହଯୋଗୀ ଶିକ୍ଷକ ଅଜୟ କୁମାର ବେହେରା, ଶିବାଶିଷ ମିଶ୍ର, ବିଶ୍ୱଜିତ ପ୍ରଧାନ ଓ ସରୋଜ କୁମାର ମେହେର ସକ୍ରିୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଶିକ୍ଷାର ପ୍ରସାର, ଡ୍ରପ୍‌ଆଉଟ୍ ହ୍ରାସ ଏବଂ ସମସ୍ତଙ୍କ ପାଇଁ ଶିକ୍ଷାର ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ଥିଲା।



ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକଙ୍କ ଯାଜପୁର ଜିଲ୍ଲା କାର୍ଯ୍ୟାଳୟ ପରିଦର୍ଶନ

ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ

ଯାଜପୁର, ନ୍ୟୁଜ ବ୍ୟୁରୋ



ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ର।ଞ୍ଚଳ ଉପନିର୍ଦ୍ଦେଶକ ଆଶୁତୋଷ ପାଇକରାୟ ଦିନିକିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କାର୍ଯ୍ୟାଳୟର ବିଭିନ୍ନ ବିଭାଗର କାର୍ଯ୍ୟଧାରା ସମୀକ୍ଷା କରିବା ସହ କାର୍ଯ୍ୟର ସୁପରିଚାଳନା ଓ ଦକ୍ଷତା ବୃଦ୍ଧି ନିମନ୍ତେ ଆବଶ୍ୟକ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପରିଦର୍ଶନ ସମୟରେ ଉପନିର୍ଦ୍ଦେଶକ ଶ୍ରୀ ପାଇକରାୟ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗର କାଗଜପତ୍ର, ସାଧାରଣ ଭଣ୍ଡାର, ଡାକବାଜି ଯନ୍ତ୍ର ଭଣ୍ଡାର ଏବଂ ସୂଚନା କେନ୍ଦ୍ର ଓ ପାଠାଗାରର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ କର୍ମଚାରୀଙ୍କ ସେବା ପୁସ୍ତିକା, ବିଲ୍ ରେଜିଷ୍ଟର, ଛୁଟି ଦରଖାସ୍ତ ରେଜିଷ୍ଟର, ବୁକ୍ ଫାଇଲ୍ ଆଦି ଯାଞ୍ଚ କରିଥିଲେ। ପାଠାଗାରକୁ ଅଧିକ ସମୃଦ୍ଧ ଓ ପାଠକ ଉପଯୋଗୀ କରିବା ଉଦ୍ଦେଶ୍ୟରେ ନିୟମିତ ଖବରକାଗଜ ସହ ବିଭିନ୍ନ ପତ୍ରିକା ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ସମ୍ବନ୍ଧୀୟ ପୁସ୍ତକ ସଂଗ୍ରହ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ' ପତ୍ରିକାର ବିକ୍ରୟ ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ। ଜିଲ୍ଲାରେ କାର୍ଯ୍ୟ ସମ୍ପାଦନ ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ସେ ଆବଶ୍ୟକ ମାର୍ଗଦର୍ଶନ କରିଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଓ ଲୋକାଭିମୁଖୀ ପଦକ୍ଷେପଗୁଡ଼ିକର ସଠିକ୍, ନିରପେକ୍ଷ ଓ ବ୍ୟାପକ ପ୍ରଚାରପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ସାଗର ଉପନିର୍ଦ୍ଦେଶକଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟଧାରା ଓ ଉପଲବ୍ଧି ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ କାର୍ଯ୍ୟାଳୟର ଭଣ୍ଡାର ରକ୍ଷକ ସତ୍ୟଜିତ ନାୟକ, ଗ୍ରନ୍ଥାଗାରିକ ତାପସ କୁମାର ଗିରି, ଶାନ୍ତନୁ କୁମାର ସାହୁ ଓ ରତିକାନ୍ତ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟାଳୟ ପରିଦର୍ଶନ ପରେ ଉପନିର୍ଦ୍ଦେଶକ ଶ୍ରୀ ପାଇକରାୟ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

ଓ.ପି. ଜିନ୍ଦଲ ସ୍କୁଲରେ ଦ୍ୱାଦଶତମ ବାର୍ଷିକ ପୁସ୍ତକ ମେଳା ଆୟୋଜିତ

ଅନୁଗୋଳ, ନ୍ୟୁଜ ବ୍ୟୁରୋ

ଅନୁଗୋଳର ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ୧୩ ଏବଂ ୧୪ ନଭେମ୍ବର ଦୁଇ ଦିନ ଧରି ଦ୍ୱାଦଶତମ ପୁସ୍ତକ ମେଳା ଆୟୋଜିତ ହୋଇଯାଇଛି । ଜ୍ଞାନ ଓ ସୃଜନଶୀଳତାର ଏହି ଉତ୍ସବରେ ନୂଆ ନୂଆ ବହିର ସମାହାର ସହିତ ନୂଆ ନୂଆ ଚିନ୍ତାଧାରା ଓ ଉତ୍ସାହର ଏକ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟିଲ ଅନୁଗୋଳର ଜେନେରାଲ ମ୍ୟାନେଜର(ସିଏସଆର) ଜୟନ୍ତ କୁମାର ମହାନ୍ତି ଉଦଘାଟନ କରିଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ, କର୍ମଚାରୀ ଓ ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହ ଶିକ୍ଷା, ସାହିତ୍ୟ ଓ ଅଧ୍ୟୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ପୁସ୍ତକ ମେଳାରେ ଅକ୍ସଫୋର୍ଡ ପ୍ରକାଶନ, ସ୍କଲାଷ୍ଟିକ୍ ଇଣ୍ଡିଆ, ଦି ହିନ୍ଦୁ ଏବଂ ବିଜୟିନୀ ଭଳି ଜଣାଶୁଣା ପ୍ରକାଶକଙ୍କ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଅଧ୍ୟୟନରେ ରୁଚି ରଖୁଥିବା



ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ମେଳାରେ ପୁସ୍ତକ ଅନୁସନ୍ଧାନର ପ୍ରଚୁର ବିକଳ୍ପ ଥିଲା। ଗପ ଏବଂ ପାଠ୍ୟପୁସ୍ତକ ପୁସ୍ତକଠାରୁ ଆରମ୍ଭ କରି ପଜଲ୍, ଷ୍ଟେସନାରୀ ଏବଂ ଆକ୍ଟିଭିଟି ପୁସ୍ତକ ପର୍ଯ୍ୟନ୍ତ, ଏହି ମେଳା, ପ୍ରତ୍ୟେକ ଯୁବ ପାଠକ ତଥା ପୁସ୍ତକ ପ୍ରେମୀଙ୍କ ପାଇଁ କିଛି ନା କିଛି ପଢ଼ିବାର ସୁଯୋଗ ଆଣିଦେଇଥିଲା । ସ୍କୁଲର ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ, ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଅଭିଭାବକମାନଙ୍କୁ ସେମାନଙ୍କ ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ, ପୁସ୍ତକ ମେଳା ସ୍କୁଲର ଶିକ୍ଷାର୍ଥୀମାନଙ୍କ ପାଇଁ ଅଧ୍ୟୟନ ଏବଂ ସୃଜନଶୀଳତାର ବିକାଶ ପାଇଁ ଏକ ସୁଯୋଗ ଆଣି ଥାଏ । ଶିକ୍ଷା, ସାଧନା ଏବଂ ନୂଆ ନୂଆ ବିଷୟରେ ଜ୍ଞାନ ବଢ଼ାଇବା ପାଇଁ ଓ.ପି. ଜିନ୍ଦଲ ସ୍କୁଲ, ସବୁବେଳେ ପ୍ରୟାସ ଜାରି ରହିଛି, ଯାହା ଦ୍ୱାଦଶତମ ପୁସ୍ତକ ମେଳାର ସଫଳ ଆୟୋଜନରୁ ସ୍ପଷ୍ଟ ବାରି ହୋଇପଡୁଥିଲା। ସ୍କୁଲର ଶିକ୍ଷକ ଓ ସହକର୍ମୀଙ୍କ ସମର୍ଥନ ଏବଂ ପ୍ରୟାସ ବଳରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା ।

ରାଜ୍ୟସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନ

ବରଗଡ, ନ୍ୟୁଜ ବ୍ୟୁରୋ

ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ଜିଲ୍ଲା ପ୍ରଶାସନ ପକ୍ଷରୁ ବରଗଡ଼ ସ୍ଥିତ ଯଦୁମଣି ଅଡିଟୋରିଅମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୁଏ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ସାଂସଦ ପ୍ରତିନିଧି ଲିପ୍ସିତ ମିଶ୍ର, ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା ଏବଂ ବରଗଡ଼ ବିଡିଓ ବର୍ଷୀୟସ୍ ଡୁଙ୍ଗ ଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ଗରିବ ଓ ଅସହାୟ ପରିବାରଗୁଡ଼ିକୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ସଫଳତାର ସହ କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ତିନୋଟି କିସ୍ତିରେ ମୋଟ ୧ ଲକ୍ଷ ୨୦ ହଜାର ଟଙ୍କାର ଗୃହ ନିର୍ମାଣ ସହାୟତା ପ୍ରଦାନ କରାଯାଉଛି। ବରଗଡ଼ ଜିଲ୍ଲାରେ ୨୦୧୬-୧୭ ରୁ ୨୦୨୪-୨୫ ପର୍ଯ୍ୟନ୍ତ ପିଏମ୍‌ଏଓୱାଇ-ଜି ଅଧୀନରେ ୧,୨୦,୫୦୭ ଘରର ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା, ଯେଉଁଥିରୁ ୧,୧୩,୯୭୪ ଘର ସମ୍ପୂର୍ଣ୍ଣ ହୋଇଛି (୯୪.୫୮%) ଏବଂ ବର୍ତ୍ତମାନ ୬,୫୩୩ ଘରର ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଗରିବ ଓ ଅବହେଳିତ ପରିବାରଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଏବଂ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ପକ୍କା ଘର ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। କୌଣସି ଯୋଗ୍ୟ ପରିବାର ଯେପରି ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଥିଲେ। ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କା ଏବଂ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ଭିବି-ଜିଆର୍‌ଏଏମ୍-ଜି ଅଧୀନରେ ଶହେ ଦିନର ଶ୍ରମ ଦିବସ ପୂରଣ କରିଥିବା ଶ୍ରମିକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ, ସ୍ୱଚ୍ଛ ଭାରତ ମିଶନ୍ ଅଧୀନରେ ୫ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ପାରିବାରିକ ଶୌଚାଳୟର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲାର ଗ୍ରାମାଞ୍ଚଳରେ ଆବାସ, ରୋଜଗାର ଓ ସ୍ୱଚ୍ଛତା କ୍ଷେତ୍ରରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି।

ଧନକଉଡ଼ାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ 'କୋଟିଏ ହସ-୨୦୨୬' ପାଳିତ

ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ପ୍ରଶାସନ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ଆନୁକୂଲ୍ୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆଜି ଧନକଉଡ଼ା ସ୍ଥିତ ରାଜୀବ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ 'କୋଟିଏ ହସ-୨୦୨୬' କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ ଯେ, ଆମ ଦେଶର ଭବିଷ୍ୟତ ଗଢ଼ିବାରେ କୁନି କୁନି ଶିଶୁମାନଙ୍କ ସଠିକ୍ ପୁଷ୍ଟି ଓ ସ୍ୱାସ୍ଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ କେବଳ ମା'ମାନେ ନୁହେଁ, ବରଂ ବାପାମାନଙ୍କୁ ମଧ୍ୟ ସମାନ ଭାବେ ସଚେତନ ହୋଇ ଶିଶୁମାନଙ୍କ ଖୁସି ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସରୋଜା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ ଶିଶୁମାନଙ୍କର ସନ୍ତୁଳିତ ଆହାର, ଉତ୍ତମ ସ୍ୱାସ୍ଥ୍ୟ ଏବଂ ପିତାମାତାଙ୍କ ସହ ନିବିଡ଼ ଆଳାପ ଆଲୋଚନା କିପରି ଶିଶୁର ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୁଏ, ସେ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସରୋଜା ବେହେରା, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର ଶ୍ରୀମତୀ ପୂର୍ଣ୍ଣିମା ତ୍ରିପାଠୀ, ଧନକଉଡ଼ା ବ୍ଲକ ସିଡିପିଓ ଶ୍ରୀମତୀ ଆରତୀ ସିଂହ, ଏବଂ ଡିସି ପୋଷଣ ଧୃତିଦିପ୍ତ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ । ପରିଶେଷରେ ଧନକଉଡ଼ା ବ୍ଲକ ସିଡିପିଓ ଆରତୀ ସିଂହ ଉପସ୍ଥିତ ସମସ୍ତ ଅତିଥି, ଅଭିଭାବକ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କୋରେଇରେ ୧୧୬୭ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ବ୍ୟାସନଗର, ନ୍ୟୁଜ ବ୍ୟୁରୋ

କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧ନଂ ଜୋନ୍‌ରେ ପୂର୍ବକୋଟ ହାଟପଡିଆ ଠାରେ ଜୋନ୍‌ସ୍ତରୀୟ ଭତ୍ତା ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଜୋନ୍‌ସ୍ତରୀୟ ଭତ୍ତା ବଣ୍ଟନ ସମାରୋହରେ କୋରେଇର ମାନ୍ୟବର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀ ମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ । କଥା ଦେଇ କଥା ରଖିଲେ ଡବଲ୍ ଇଞ୍ଜିନ୍ ସରକାର । ଆଜିଠାରୁ ଭତ୍ତା ପାଇଁ ଅପେକ୍ଷାରେ ଯୁଗ ସରିଲା । ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ରାଜ୍ୟର ୫ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଏହି ବର୍ଷ ଅକ୍ଟୋବର ମାସରୁ ଭତ୍ତା ଦେବା ଆଜିଠାରୁ ଆରମ୍ଭ ହେଲା । ଏହି କ୍ରମରେ କୋରେଇ ବ୍ଲକ୍ ୧ନଂ ଜୋନର ପାଟରଙ୍ଗା ଗ୍ରାମପଞ୍ଚାୟତରେ ୧୩୫ ଜଣ, ତଳଗଡ ଗ୍ରାମପଞ୍ଚାୟତରେ ୧୬୪ ଜଣ, ଅନ୍ଧାରୀ ଗ୍ରା।ମପଞ୍ଚା।ୟତରେ ୧୩୩ଜଣ, ପଛିକୋଟ ଗ୍ରାମପଞ୍ଚାୟତରେ ୧୪୧ ଜଣ, କାଚରାସାହି ଗ୍ରାମପଞ୍ଚାୟତରେ ୯୬ ଜଣ, କନ୍ତୋର ଗ୍ରାମପଞ୍ଚାୟତରେ ୧୪୫ ଜଣ, ଅସନଝର ଗ୍ରାମପଞ୍ଚାୟତରେ ୮୫ ଜଣ, ରଣପୁର ଗ୍ରାମପଞ୍ଚାୟତରେ ୮୫ ଜଣ, ରଣପୁର ଗ୍ରାମପଞ୍ଚାୟତରେ ୮୫ ଜଣ, ତୁଳତୀ ଗ୍ରା।ମପଞ୍ଚା।ୟତରେ ୧୨୦ଜଣ, ତାହାରପୁରଗ୍ରାମ ପଞ୍ଚାୟତରେ ୬୨ ଜଣ, ମୋଟ ୧୧୬୭ ଜଣ ହିତାଧିକାରୀ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନଙ୍କୁ ବିଧାୟକ କୋରେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭତ୍ତା ରାଶି ସହିତ ମିଶନ ସବୁଜ କୋରେଇ ଅଭିଯାନ ତରଫରୁ ଏକ ବୃକ୍ଷ ବଣ୍ଟନ କରିଥିଲେ । ୨ନଂ ଜୋନ୍ ପ୍ରାଣକୃଷ୍ଣ ମହାବିଦ୍ୟାଳୟ ଠାରେ ୧୦୬ ଜଣ ହିତାଧିକାରୀ ଏବଂ ୩ନଂ ଜୋନ ପାଣିକୋଇଲି ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟ ଠାରେ ଅପରାହ୍ନ ୩ ଘଟିକା ସମୟରେ ୧୧୭୮ ଜଣ ହିତାଧିକାରୀଙ୍କୁ ବିଧାୟକ ଭତ୍ତା ରାଶି ସହିତ ବୃକ୍ଷ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଅଛି । ଏହି ପରିପ୍ରେକ୍ଷୀରେ ଦାସନାୟକ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଏହି ଭତ୍ତା ପାଇବାପରେ ଲୋକମାନେ ବହୁତ ଖୁସି ଥିବାର ଅନୁମାନ କରାଯାଉଥିଲା । ଏହି ଜୋନ୍‌ସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମକୁ କୋରେଇ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ ପରିଚାଳନା କରିଥିଲେ । ୧୦ଗୋଟି ଗ୍ରାମପଞ୍ଚାୟତର ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏ.ଡି.ଓ. ଏବଂ କୋରେଇ ବ୍ଲକ୍‌ର ସମସ୍ତ ଜେ.ଇ., ତଳଗଡ ପଞ୍ଚାୟତ ସଭାପତି ଗୋପାଳ ସାହୁ, ଅନ୍ଧାରୀ ପଞ୍ଚାୟତ ସଭାପତି ପ୍ରତାପ ରାଉତରାୟ, କାଚରାସାହି ପଞ୍ଚାତୟ

ପକ୍ଷାତୀତ

32 YEARS
ସମ୍ବାଦ କଳିକା

ଓଡ଼ିଶାରେ ମୁଦ୍ରାସ୍ଫୀତି ୭.୧୭%, ଜାତୀୟ ସ୍ତରଠୁ ଢେର ଅଧିକ

ରାଜ୍ୟରେ ଦରଦାମ ସ୍ଥିତିରେ ଆସୁନି ସୁଧାର । ମାସ ପରେ ମାସ ଓଡ଼ିଶାରେ ମୁଦ୍ରାସ୍ଫୀତି ନୂଆ ରେକର୍ଡ କରୁଛି । ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଏବେ ପଞ୍ଚମ ମହଙ୍gା ବଜାର ରହିଛି । ଅର୍ଥାତ୍ ଦେଶର ଅନ୍ୟାନ୍ୟ ପ୍ରାନ୍ତ ତୁଳନାରେ ରାଜ୍ୟବାସୀ ବିଭିନ୍ନ ସାମଗ୍ରୀ ଏବଂ ସେବା ପାଇଁ ଅଧିକ ଟଙ୍କା ଗଣୁଛନ୍ତି । ପିଆଜ, ଅଦା ଏବଂ ରସୁଣଠାରୁ ଆରମ୍ଭ କରି ସବୁକିଛି ହୋଇଛି ମହଙ୍gା । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍ଏସ୍ଓ) ପକ୍ଷରୁ ଗୁରୁବାର ଜାରି ତଥ୍ୟ ଅନୁସାରେ, ଗତ ଅକ୍ଟୋବର ମାସରେ ରାଜ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ୭.୧୭% ଛୁଇଁଛି । ଏହା ଜାତୀୟ ହାରାହାରି ୬.୦୯% ତୁଳନାରେ ୧.୦୮% ଅଧିକ । ତେବେ ମାସକରେ ରାଜ୍ୟରେ ମୁଦ୍ରାସ୍ଫୀତି ୦.୪୭% ବଢ଼ିଛି । ସେପ୍ଟେମ୍ବରରେ ଏହା ୬.୭୦% ରହିଥିଲା । ଗ୍ରାମୀଣ ଓଡ଼ିଶାରେ ସ୍ଥିତି ଅସମ୍ଭାଳ । ଦେଶର ଅନ୍ୟ ପ୍ରାନ୍ତଗୁଡ଼ିକ ତୁଳନାରେ ଗ୍ରାମୀଣ ଓଡ଼ିଶାରେ ଲୋକଙ୍କ ଉପରେ ଚାପ ଅଧିକ ରହିଛି । ରାଜ୍ୟ ସ୍ତରରେ ତାମିଲନାଡୁରେ ମୁଦ୍ରାସ୍ଫୀତି ହାର ସବୁଠୁ ଅଧିକ ୭.୨୯% ରହିଛି। ୭.୨୬% ସହିତ ତେଲଙ୍gାନା ଦ୍ୱିତୀୟ ସ୍ଥାନରେ ରହିଛି । ଆନ୍ଧ୍ରପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ଏହା ଯଥାକ୍ରମେ ୭.୨୫% ଏବଂ ୭.୧୯% ରହିଛି । ଏନ୍ଏସ୍ଓ ତଥ୍ୟ ଅନୁସାରେ, ଖାଦ୍ୟ ଦର ବୃଦ୍ଧି ଯୋଗୁ ଅକ୍ଟୋବରରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ)ର ସହ୍ୟ ସୀମା ୬%କୁ ପାର କରିଯାଇଛି । ଆଲୋଚ୍ୟ ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୬.୦୯% ରହିଛି । ୨ ବର୍ଷରେ ଏହା ସର୍ବୋଚ୍ଚ ସ୍ତର । ସେପ୍ଟେମ୍ବରରେ ଏହା ୫.୫୪% ଥିଲା । ଲଗାତର ୧୨ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି, ଯାହାକି ୨୦୨୫ ଅକ୍ଟୋବରରେ ୦.୦୪% ଥିଲା। ଦେଶର ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ୬.୦୮%ରୁ ବଢ଼ି ୬.୬୩% ହୋଇଛି । ସହରାଞ୍ଚଳରେ ଏହା ୪.୮୮%ରୁ ବଢ଼ି ୫.୪୧% ହୋଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି ମୁକାବିଲା ପାଇଁ ରେପୋରେଟକୁ ୨୫ ବେସିସ୍ ପଏଣ୍ଟ ବଢ଼ାଇବାର ମାତ୍ର କେଇ ସପ୍ତାହ ପରେ ଏହି ଅଙ୍କ ପ୍ରକାଶ ପାଇଛି । ଚଳିତବର୍ଷ ଅକ୍ଟୋବରରେ ଦେଶରେ ଖାଦ୍ୟ ମୁଦ୍ରାସ୍ଫୀତି ୮.୯୪% ରହିଛି । ଏହା ଗ୍ରାମାଞ୍ଚଳରେ ୯.୦୯% ଏବଂ ସହରାଞ୍ଚଳରେ ୮.୬୮% ରହିଛି । ପିଆଜ ଦର ସବୁଠୁ ଅଧିକ ବଢ଼ିଛି । ଏଥିରେ ଦରଦାମ ବୃଦ୍ଧି ହେଉଛି ୧୧୬.୨୨% । ରସୁଣ ଦର ୬୦.୭୪% ବଢ଼ିଛି । ଏହା ପଛକୁ ରୁପା ଗହଣା ଦାମ ୫୨.୩୯%, ଅଦା ୪୮.୩୨% ଏବଂ ଲେମ୍ବୁ ୪୭.୩୦% ମହଙ୍gା ହୋଇଛି । ତେବେ ଦୁଇ ବର୍ଷରେ ପ୍ରଥମ ଥର ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୬% ସ୍ତର ଅତିକ୍ରମ କରିଛି ।



ଡକ୍ଟର ସର୍ବେଶ୍ୱର ସେଣ

ସା/ପୋ: ପୁରୁଷୋତ୍ତମପୁର କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଦୀପାବଳି ଏକ ମହାନ ସାଂସ୍କୃତିକ ପରମ୍ପରା

ଆଲୋକର ଅରୁଣିମା ଅନ୍ଧାରକୁ ଦୂରେଇ ଦିଏ, ମାର୍ଗ ପରିଷ୍କାର କରେ, ଜୀବନ ଯାତ୍ରା ହୁଏ ସ୍ୱଭାବିକ । ଅନୁରୂପ ଭାବେ ଜ୍ଞାନାଲୋକରେ ଅନ୍ତରର ସମସ୍ତ କାଳିମା ବିଧୌତ ହୁଏ, ଜୀବନ ପାଲଟିଯାଏ ପୂତ ପବିତ୍ର । ଏଣୁ ଦୀପାବଳି ଉତ୍ସବଟି ପାଳିତ ହୁଏ କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀ ନିଶିଥିନୀରେ। ସାରା ଦେଶ ହୁଏ ଆଲୋକିତ, ଉତ୍ସବ ମୁଖର ପରିବେଶ। ଜାତି ଜାତି ମିଷ୍ଟାନ ଭୋଜନ, ବାଣ, ରୋଶନୀରେ ରଙ୍ଗୀନ ପରିବେଶ। ରାତିଟିଏ ପାଇଁ ହେଲେ ବି ସଂସାର ପାଲଟିଯାଏ ଶୋକ ପାଶୋରା ଅପ୍ସରା ଭୁବନ। ଶାନ୍ତି, ପ୍ରୀତି, ମୈତ୍ରୀର ବାର୍ତ୍ତା ସଂଚରି ଯାଏ। ବିଦ୍ୱେଷ, ପରଶ୍ରୀକାତରତା, ହିଂସା, ଅହମିକା ଆଦି ଅବିଗୁଣମାନ କବର ନିଏ। ଏକ ସାର୍ତ୍ୱିକ ପରିବେଶରେ ମହାଶକ୍ତି କାଳୀଙ୍କର ଉପାସନା, ଉତ୍ତର ଭାରତରେ ମା'ଲକ୍ଷ୍ମୀଙ୍କର ଆବାହନ, ହିନ୍ଦୁ ପରମ୍ପରାରେ ପୟାଶ୍ରାଦ୍ଧ- ଏଗୁଡିକ ଦୀପାବଳି ପର୍ବର ଏକ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ଉତ୍ସବ ପଶ୍ଚାତରେ କେତେକ ପୌରାଣିକ ତଥ୍ୟ ସହ ଇତିହାସର କ୍ଷୀଣ ସ୍ୱର୍ଶ ନିହିତ। କିନ୍ତୁ ଦୀପାବଳିର ପ୍ରତୀକାତ୍ମକ ପ୍ରୟୋଗଟି ଅତୀବ ଗୁରୁତ୍ୱପୂର୍ଣ୍ଣ। ଅସତ୍ୟ ଉପରେ ସତ୍ୟର, ଅଜ୍ଞାନ ଉପରେ ଜ୍ଞାନର ବିଜୟ ହିଁ ଦିପାବଳି । ଏଇଟି ଏକ ସାର୍ବଜନୀନ ଉତ୍ସବ। ସମଗ୍ର ଭାରତ ବର୍ଷରେ କେବଳ ସୀମିତ ନୁହେଁ; ନେପାଳ, ଶ୍ରୀଲଙ୍କା, ମିଆଁମାର, ମରିସସ, ଗୁଏନା, ତ୍ରିନିଦାଦ, ମାଲେସିଆ, ସିଙ୍gାପୁର ଆଦି କେତେକ ଦେଶରେ ମଧ୍ୟ ଉତ୍ସବଟି ପାଳିତ ହୁଏ ବହୁ ଆଡମ୍ବରରେ।

ଋକ୍ ବେଦରେ ଦୀପବାଳିର ସୂଚନା ରହିଛି । ଏକଦା ପୃଥିବୀ ମହାଅନ୍ଧକାରରେ ବିଜଡିତ ଥିଲା। ହଠାତ୍ ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ହେଲା। ଏହି କଥାକୁ ସ୍ମରଣ କରି ଦୀପାବଳି ଉତ୍ସବ ପାଳନ କରାଯାଏ। ବେଦରେ ବର୍ଣ୍ଣିତ ଅଛି, "ଦୀପଂ ଜ୍ୟୋତି ପରଂ ବ୍ରହ୍ମ"- ଅର୍ଥାତ୍ ଦୀପର ଆଲୋକ ପରଂବ୍ରହ୍ମ ସଦୃଶ, ସୃଷ୍ଟି ସ୍ଥିତି ପ୍ରଳୟର ପ୍ରତୀକ। ପରଂବ୍ରହ୍ମ ପରାମାତ୍ମାଙ୍କ ସହିତ ମହାଶକ୍ତିର ଉପାସନା ଦୀପାବଳିର ମୂଳତତ୍ତ୍ୱ। ଏହି ପବିତ୍ର ଦିବସରେ ହିନ୍ଦୁ ଧର୍ମ। ବଲୟୀମାନେ ପିତୃପୁରୁଷଙ୍କ ମୋକ୍ଷ କାମନା କରନ୍ତି। ଏଣୁ ଦୀପାବଳି ଏକ ମହାନ ସାଂସ୍କୃତିକ ପରଂପରା, ପାଳିତ ହୋଇ ଆସୁଛି କାହିଁ, କେଉଁ ଯୁଗରୁ।

ତ୍ରେତାଯୁଗର କଥା। ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କେଶ ରାବଣକୁ ନିଧନ କରି ସୀତା ଦେବୀଙ୍କୁ ଉଦ୍ଧାର କଲେ, ପ୍ରତ୍ୟାବର୍ତ୍ତନ କଲେ ଅଯୋଧ୍ୟା। ପୁରଜନେ ଦୀପ ପ୍ରଜ୍ୱଳନ କରି ଶ୍ରୀ ରାମଚନ୍ଦ୍ରଙ୍କୁ ସ୍ୱାଗତ କରିବା ସହ ବିଜୟ ଉତ୍ସବ ପାଳନ କଲେ। ଅମାବାସ୍ୟା ତିଥିରେ ଦୁର୍ଭାଗ୍ୟ ଅଯୋଧ୍ୟା ନଗରୀ ଗ୍ରାସ କରିବାର ସମ୍ଭାବନାକୁ ମଧ୍ୟ ଭୁଲ୍ ପ୍ରମାଣିତ କଲେ। ଏହା ସମ୍ଭବ ହେଲା ସଂପୂର୍ଣ୍ଣ କୃଷ୍ଣ ପକ୍ଷଟିକୁ ଦୀପର ଆଲୋକରେ ଆଲୋକିତ କରିବା ଦ୍ୱାରା। ଦ୍ୱାପର ଯୁଗର କାହାଣୀଟିଏ। ମହାପ୍ରତାପୀ ନରକାସୁରକୁ ବଧ କଲେ ଶ୍ରୀକୃଷ୍ଣ। ସ୍ୱର୍ଗରେ ଶାନ୍ତି ବିରାଜମାନ କଲା। ସତ୍ୟଭାମାଙ୍କ ସହିତ ସ୍ୱୟଂ ଶ୍ରୀକୃଷ୍ଣ କନକାସୁର ଅପହରଣ କରିଥିବା ମଣିକୁଣ୍ଡଳ ଇନ୍ଦ୍ରମାତାଙ୍କୁ ଫେରସ୍ତ ପାଇଁ ସ୍ୱର୍ଗ ଯାତ୍ରା କଲେ। ସତ୍ୟଭାମାଙ୍କର ସ୍ୱର୍ଗ ପାରିଜାତ ବୃକ୍ଷର ଚାରାଟିଏ ପାଇଁ ଇଚ୍ଛା। ଦେବତାମାନେ ଘୋର ବିରୋଧ କଲେ। ଶ୍ରୀକୃଷ୍ଣ ସେମାନଙ୍କୁ ପରାସ୍ତ କରି ଅପରାଜିତା ଚାରାଟି ସହ ବହୁ ଧନରତ୍ନ ଆଣି ଦ୍ୱାରକା ଫେରିଲେ। ଦ୍ୱାରକାବାସୀ ଦୀପଜାଳି ଶ୍ରୀକୃଷ୍ଣଙ୍କୁ ଉକ୍ତ ତିଥିରେ ହିଁ ସ୍ୱାଗତ କରିଥିଲେ। ଅନ୍ୟଏକ ପୌରାଣିକ ଉପାଖ୍ୟାନ। ପ୍ରଭୁ ଶ୍ରୀବିଷ୍ଣୁ ମହାଦାନୀ ବଳିକୁ ତୃତୀୟ ପାଦରେ ପାତାଳ ଚାପିଲେ। ବର୍ଷକୁ ଅନ୍ୟୂନ୍ୟ ଥରୁଟିଏ ମର୍ତ୍ତ୍ୟ ଭ୍ରମଣ ଇଚ୍ଛା ବଳି ପ୍ରକଟ କରନ୍ତେ, ପ୍ରଭୁ ବଳିର ମନସ୍କାମନା ପୂର୍ଣ୍ଣ କଲେ। କାର୍ତ୍ତିକ ଅମାବାସ୍ୟା ତିଥିରେ ଏହି ସୁଯୋଗ ମିଳିବ ବୋଲି ଆଶୀର୍ବାଦ କଲେ। ଏହି ଦିନଟିକୁ ପୃଥିବୀବାସୀ ଆନନ୍ଦ ଉଲ୍ଲାସରେ ଦୀପ ଜାଳି ଆଲୋକିତ କରିଥାନ୍ତି । ଏସମସ୍ତ ଦୀପାବଳି ସଂପର୍କିତ ପୌରାଣିକ ତଥ୍ୟ।

ଜୈନ ସନ୍ନ୍ୟାସୀମାନେ ଦୀପାବଳିକୁ ୨୪ତମ ତୀର୍ଥଙ୍କର ମହାବୀରଙ୍କ ନିର୍ବାଣ ଦିବସ ରୂପେ ପାଳନ କରନ୍ତି । ମହାବୀରଙ୍କର ଖ୍ରୀ.ପୂ ୫୨୭ ରେ ହେଲା ନିର୍ବାଣ। ତାଙ୍କର ଅନୁଗତ ମାନେ ଏହି ଦିନ ଦୀପ ଜାଳି ଜ୍ଞାନାଲୋକ ସନ୍ଧାନରେ ବ୍ରତୀ ହେଲେ। ଧର୍ମୀୟ ପରମ୍ପରା ଅନୁଯାୟୀ ଦୀପାବଳୀ ଉତ୍ସବକୁ ଜୈନ ସନ୍ନ୍ୟାସୀମାନେ ପାଳନ କରିଥାନ୍ତି। ଏହି ଧର୍ମର ବ୍ୟବସାୟୀ ମାନେ ମଧ୍ୟ ଦୀପାବଳୀରେ ଖାତା ପୂଜା କରିଥାନ୍ତି। ଆଉ ଏକ ପ୍ରସଙ୍ଗ। ମୋଗଲ ସମ୍ରାଟ ଆଉରଙ୍gଜେବ୍ କାରାରୁଦ୍ଧ କଲେ ଶିଖ ମାନଙ୍କର ଷଷ୍ଠ ଧର୍ମଗୁରୁ ହରଗୋବିନ୍ଦ ସିଂହଙ୍କୁ। ଶିଖ ମାନଙ୍କର ତୀବ୍ର ବିରୋଧର ସମ୍ମୁଖୀନ ହୋଇନପାରି ସମ୍ରାଟ୍ ତାଙ୍କୁ କାରାମୁକ୍ତ କଲେ। ଦିନଟି ଥିଲା ପବିତ୍ର ଦୀପାବଳି ଅମାବାସ୍ୟା। ସ୍ୱର୍ଣ୍ଣ ମନ୍ଦିରରେ ସହସ୍ର ଦୀପ ଜାଳି ଶିଖମାନେ ଗୁରୁଙ୍କୁ ସ୍ୱାଗତ ଅଭ୍ୟର୍ଥନା ଜଣାଇଲେ। ମହାମାନ୍ୟ ଗୁପ୍ତ ସମ୍ରାଟ ଦ୍ୱିତୀୟ ଚନ୍ଦ୍ରଗୁପ୍ତ, ବିକ୍ରମାଦିତ୍ୟ ପବିତ୍ର ଦୀପାବଳିରେ ସଂହାସନା ରୂଢ ହୋଇଥିଲେ। ଏହି ଉତ୍ସବର ସ୍ମାରକୀ ରୂପେ ଦୀପାବଳି ଠାରୁ ଗୁପ୍ତାବ୍ଦର ପ୍ରଚଳନ ହେଲା। ଦୀପାବଳି ଦେଶ ବିଦେଶରେ ପାଳିତ ହେଉଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଏଥିରେ କିଛି କିଛି ଭିନ୍ନତା ପରିଲକ୍ଷିତ।

ଉତ୍ତର ପଶ୍ଚିମ ଭାରତରେ ଦୀପାବଳି ପର୍ବର ଅବଧି ୫ ଦିନ। କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦ୍ଦଶୀ ଧନତ୍ରୟୋଦ୍ଦଶୀ / ଧନ ତେରସ/ଧନ୍ୱନ୍ତରୀ ଜୟନ୍ତୀ। ପୁରାଣ ଯୁଗର କାହାଣୀ । ଦେବାସୁର ମିଶି ସମୁଦ୍ର ମନ୍ଥନ କଲେ। ଜନ୍ମ ନେଲେ ଧନ୍ୱନ୍ତରୀ ଚତୁର୍ଦ୍ଧା ମୂର୍ତ୍ତି ରୂପରେ। ଗୋଟେ ହାତରେ ଅମୃତ କଳଶୀ, ଅନ୍ୟ ହାତ ଗୁଡିକରେ ଜଡିବୁଟି, ଶଂଖ, ଆୟୁର୍ବେଦ ଶାସ୍ତ୍ର। ସ୍ୱର୍ଗାଧିପତି ଇନ୍ଦ୍ରଙ୍କ ଠାରୁ ଧନ୍ୱନ୍ତରୀ ଆୟୁର୍ବେଦ ଚିକିତ୍ସା ପଦ୍ଧତି ଶିକ୍ଷାକଲେ। ଦେବ ବୈଦ୍ୟ ଭାବେ ତାଙ୍କୁ ଗ୍ରହଣ କରାଗଲା। ତାଙ୍କ ଚିକିତ୍ସା ଅନୁଯାୟୀ ରୋଗୀଟି ଧର୍ମ, ଅର୍ଥ, କାମ, ମୋକ୍ଷ- ଏଇ ଚତୁର୍ବର୍ଗ ଫଳ ପାଇବା ସମ୍ଭବ ହେଲା। ଧର୍ମାର୍ଥ କାମ ମୋକ୍ଷଣା ଆରୋଗ୍ୟ ମୂଳ ମୂଉମମ୍- ଏହି ଭାବକୁ ପୋଷଣ କରି ହିନ୍ଦୁ ପରିବାରରେ ଧନ୍ୱନ୍ତରୀ ଜୟନ୍ତୀ ପାଳିତ। ଏହା ଧନ ତେରସ ରୂପେ। ତ୍ରୟୋର୍ଦ୍ଦଶୀର ପରଦିନ ନରକ ଚତୁର୍ଦ୍ଦଶୀ, ତୃତୀୟ ଦିନ ଦୀପାବଳି, ତା' ପରଦିନଟି ଭାତୃ ଦ୍ୱିତୀୟା ପର୍ବ। ସାଗର ମନ୍ଥନରୁ ଜନ୍ମ ନେଲେ ମା'ଲକ୍ଷ୍ମୀ, ମିଳିଲା ନାନାଦି ଅମୂଲ୍ୟ ରତ୍ନ। ଅମୃତ ସହ ଏସବୁକୁ ଦେବତାମାନେ ଚଞ୍ଚକରେ ଅକ୍ତିଆର କଲେ। ରାକ୍ଷସମାନେ ହେଲେ ବଞ୍ଚିତ। ଲକ୍ଷ୍ମୀ ସଦା ଚଞ୍ଚଳା; ମାତ୍ର ତାଙ୍କ ଜନ୍ମ ଦିନରେ ଉତ୍ତର ଭାରତୀୟଙ୍କ ଦ୍ୱାରା 'ଅନପଗାମିନୀ' ରୂପେ ଆରାଧିତା। ଧନ,ଜନ, ଗୋପ ଲକ୍ଷ୍ମୀରେ ସଂସାର ପରିପୂର୍ଣ୍ଣ ହୁଏ ଦୀପାବଳିରେ ଲକ୍ଷ୍ମୀଙ୍କୁ ଉପାସନା କଲେ- ଏ ବିଶ୍ୱାସଟି ଏବେବି ଜନତା ଚିତ୍ତରେ ବଳବତ୍ତର।

ଦୀପାବଳି ଦିନ ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ ଦିଆଯାଏ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ଆଶ୍ୱିନ କୃଷ୍ଣ ପକ୍ଷଟି ପିତୃପକ୍ଷ। ଏହାର ଅନ୍ତିମ ଦିବସଟି ମହାଳୟା ବା ଗୟା ଶ୍ରାଦ୍ଧ। ଉକ୍ତ ସମୟ ଅବଧି ମଧ୍ୟରେ ପିତୃ ଶ୍ରାଦ୍ଧ ଅର୍ପଣ ସମସ୍ତଙ୍କ ପାଇଁ ସମ୍ଭବ ହୋଇନଥାଏ। ବିଶେଷକରି କେତେକ କଳିଙ୍ଗ ସାଧବ ବିଦେଶରୁ ପ୍ରତ୍ୟାବର୍ତ୍ତନ କରିନଥାନ୍ତି। ସେମାନେ ଦୀପାବଳି ଦିନ ହିଁ ପିତୃଶ୍ରାଦ୍ଧ ଅର୍ପଣ କରନ୍ତି। ଏଥିରେ ପିତୃକୁଳର ପିତା, ପିତାମହ, ପ୍ରପିତାମହଙ୍କ ସହ ମାତୃକୁଳ; ସେହିସବୁ ପିତୃପୁରୁଷଙ୍କୁ ମଧ୍ୟ ପୟାଶ୍ରାଦ୍ଧ ଉତ୍ସର୍ଗ କରାଯାଏ। ଅନେକତ୍ର ଏହା ମଉଳା ଶ୍ରାଦ୍ଧ ଭାବେ ଅଭିହିତ। ଦୀପାବଳି ରାତିରେ ନଈକୂଳ, ସମୁଦ୍ର ତଟ, ବଡ ଦେଉଳର ବାଇଶି ପାହାଚ, ବିଭିନ୍ନ ଦେବଦେବୀ ମନ୍ଦିର ନିକଟରେ ଦୀପ ଜାଳି ପିତୃପୁରୁଷଙ୍କୁ ଆଲୋକ ପ୍ରଦର୍ଶନ କରାଯାଏ; ମାତ୍ର ଗାଁ ଗହଳି, ସମୁଦ୍ର କୂଳିଆ ପଡା ମାନଙ୍କରେ ଭିନ୍ନ ପରଂପରା।

ମହାଭାରତ'। ଦୀପଜଳାଇ ମଣିଷ ତେଜୋଦୀପ୍ତ ଆଉ ଉଚ୍ଚାକାଂକ୍ଷୀ ହୁଏ। ଏ କଥାଟି ଏଥିରେ ଉଲ୍ଲିଖିତ। ଆଲୋକ ଜଳାଇ ପୂର୍ବପୁରୁଷଙ୍କୁ ବାଟ ଦେଖାଯାଏ। ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ ପାଇଁ ନିବେଦନ କରାଯାଏ। ଏ ଦିନଟି ଖୁବ୍ ମହାନ। ଛ' ପୁରୁଷଙ୍କୁ ଆବାହନ ପୂର୍ବକ ପିଣ୍ଡଦାନ। ଦୀପାବଳିର ଏ ସ୍ୱତନ୍ତ୍ର ବିଧି। ଆଶ୍ୱିନ ଅମାବାସ୍ୟା-ମହାଳୟା। ଏହି ଦିନରୁ ପିତୃପକ୍ଷର ଶୁଭାରମ୍ଭ। ମାସ ସାରା ପିଣ୍ଡଦାନ-ମଉଳାଶ୍ରାଦ୍ଧ। ଦୀପାବଳି, ଅନ୍ଧାର ଘନେଇ ଆସେ। ଭାଇ, ବନ୍ଧୁ, କୁଟୁମ୍ବ - ସମସ୍ତେ ଏକତ୍ର। ଯଥାବିଧି ଆୟୋଜନ, ପଇଁଆ ଖାଡ଼ି - କଇଁ ଅବା ପଦ୍ମପତ୍ର, କଦଳୀ, ନବାତ, ଆଖୁ, ବିଭିନ୍ନ ପ୍ରକାର ପିଷ୍ଟକ। ପିତୃପୁରୁଷଙ୍କୁ ନୈବେଦ୍ୟ ଦାନ ସହ ଉର୍ଦ୍ଧ୍ୱମୁଖୀ ଆଲୋକ ପ୍ରଦର୍ଶନ - "ଅଗ୍ନି ଦଗ୍ଧାଶ୍ଚ ଯେ ଜୀବା, ଯେପ୍ୟ ଦଗ୍ଧାଃ କୂଳେ ମମ, ତେ ସର୍ବେ ପଥି ଗଚ୍ଛନ୍ତୁ, ଜ୍ୱଳାୟ ଅନଳାୟ ସହ, ପିତୃ ଲୋକମ୍ ପରିତ୍ୟଜ୍ୟ ଆଗତା ଯେ ମହାଳୟେ, ଉଜ୍ଜ୍ୱଳ ଜ୍ୟୋତିଷାଂ ବର୍ତ୍ମଂ ପ୍ରପଶ୍ୟନ୍ତୁ ବ୍ରଜନ୍ତୁତେ", ଅର୍ଥାତ୍ - "ହେ ପିତୃ ଲୋକେ ଆଶ୍ୱିନ ମାସ ମହାଳୟାରେ ଆଗମନ କରିଥିଲେ। ଦିବ୍ୟ ଆଲୋକରେ ଆଜିର ଏହି ପବିତ୍ର ଦିବସରେ ପିତୃଲୋକକୁ ପୁନର୍ବାର ଗମନ କରନ୍ତୁ।" ଶ୍ରଦ୍ଧା, ସମ୍ମାନ, ଭକ୍ତିର ସହ ନୈବେଦ୍ୟ। ଆଖୁଦଣ୍ଡ ଆଗରେ ସଳିତା ଜଳାଇ ଅବା କାଉଁରିଆ କାଠି ଜାଳି ଆଲୋକ ଦେଖାଯାଏ। ଭାବବିହ୍ୱଳ ପରିବେଶ। ଆପଣାର ପିତୃପୁରୁଷଙ୍କୁ ଡକାଯାଏ। ହାତରେ ଆଲୋକ ବର୍ତ୍ତିକା, "ବଡ଼ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ। ଗଙ୍gା ଯାଅ, ଗୟା ଯାଅ, ଶ୍ରୀକ୍ଷେତ୍ର ମହାପ୍ରସାଦ ଖାଇ ବାଇଶି ପାହାଚରେ ଗଡ଼ ଗଡ଼ଉଥାଅ।" ବଡ଼ବଡୁଆଙ୍କୁ ଡକା ଯାଉଥିବାରୁ ଦୀପାବଳି 'ବଡ଼ବଡୁଆ ଅମାବାସ୍ୟା' ଭାବେ କଥିତ।

ଶ୍ରୀକ୍ଷେତ୍ର ଏକ ପ୍ରଧାନ ପିତୃତୀର୍ଥ। ଏଠାରେ ପିତୃଶ୍ରାଦ୍ଧ, ତର୍ପଣାଦି କରିବା ବିଧିସମ୍ମତ। ଠିକ୍ ସେମିତି ପ୍ରୟାଗ, ନାଭି ଗୟାରେ ବି। ସାଧାରଣ ଲୋକେ। ସେମାନଙ୍କ ପାଇଁ କାର୍ତ୍ତିକ ଅମାବାସ୍ୟା। ଏ ଦିନ 'ଦୀପାବଳି' ସହିତ ପିତୃ ଶ୍ରାଦ୍ଧୋତ୍ସବ, ସେମାନେ ପାଳନ୍ତି । ଅନୁରୂପ ଭାବେ ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା, ଶୁକ୍ଲ ପ୍ରତିପଦା। ଏ ଦିବସଟି ଦେବ ଦୀପାବଳି। ସ୍ୱୟଂ ଜଗତର ନାଥ ଜଗନ୍ନାଥ। ଶ୍ରାଦ୍ଧ ଦିଅନ୍ତି । ଦିଅଁମାନଙ୍କୁ ଶ୍ରାଦ୍ଧ ବସ୍ତ୍ର ଲାଗି କରାଯାଏ। ତାହା ମହାପ୍ରଭୁଙ୍କ 'ଶ୍ରାଦ୍ଧବେଶ'। ଜଗନ୍ନାଥଙ୍କ ପିତାମାତାଙ୍କୁ ଶ୍ରାଦ୍ଧ ଅର୍ପଣ। ବାମନରୂପୀ ପ୍ରଭୁ ସତ୍ୟଯୁଗରେ ଅ।ର୍ଦି।ର୍ତି-କା।ଶ୍ୟପଙ୍କୁ, ତ୍ରେତାୟାରେ ଶ୍ରୀରାମ ରୂପେ କୌଶଲ୍ୟା-ଦଶରଥଙ୍କୁ, କୃଷ୍ଣ ଅବତାରରେ ଦେବକୀ-ବସୁଦେବଙ୍କୁ ଶ୍ରାଦ୍ଧ ପ୍ରଦାନ କରିଛନ୍ତି । କଳିଯୁଗରେ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା-ଇନ୍ଦ୍ରଦ୍ୟୁମ୍ନଙ୍କୁ ଦୀପଦାନ ସହ ଶ୍ରାଦ୍ଧ ଅର୍ପଣ। ଏ ଏକ ଅନନ୍ୟ ପରମ୍ପରା।

ଦୀପାବଳିର ଗାରିମାମୟ ପୌରାଣିକ ବର୍ଣ୍ଣନା ଗୁରୁତ୍ୱପୂର୍ଣ୍ଣ। ପ୍ରାମାଣିକ ଐତିହାସିକ ତଥ୍ୟ ଅତୀବ ରମଣୀୟ। ସବୁର ଉର୍ଦ୍ଧ୍ୱରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ, ଘରେ ଅବା ବାଇଶି ପାହାଚରେ, ଏକ ମହାନ ସାଂସ୍କୃତିକ ବିଭବ। ପିମ୍ପେଇ ଡାକରେ ତନୁ ମନ ପବିତ୍ର, ପିତୃ ପୁରୁଷ ତୃପ୍ତ, ସେମାନଙ୍କର ପିତୃଲୋକ ଗମନ। ଭାବବିହ୍ୱଳ ଆବାହନ - "ବଡ଼ ବଡୁଆ ହୋ...।" ଏଇଟି ଏକ ମହାନ ସାଂସ୍କୃତିକ, ଭାକ୍ତିକ ଜୀବନଚର୍ଯ୍ୟା। - ଏଥିରେ ନାହିଁ ତିଳେ ମାତ୍ର ଦ୍ୱିଧା। କେବଳ ଦୀପାବଳିକୁ ଆଲୋକର ପର୍ବ କହି କହି ଏ ଜାତିଟାକୁ ଅନ୍ଧକାରକୁ ଠେଲିଦେବାର ଅପଚେଷ୍ଟାରୁ ଦିଗ୍ଭ୍ରଷ୍ଟମାନେ କ୍ଷାନ୍ତ ରୁହନ୍ତୁ। ପବିତ୍ର ମନରେ ଦୀପଟିଏ ଜାଳି ପରଂବ୍ରହ୍ମଙ୍କ ନିକଟରେ ଆପଣାକୁ ସମର୍ପଣ କରିଦିଅନ୍ତୁ। ସାର୍ତ୍ୱିକ ଭାବ ପରିବେଶରେ ଦୀପାବଳି ପାଳିତ ହେଲେ ଅଜ୍ଞାନ ଦୂର ହେବ, ବଦଳି ଯିବ ବିଗତ। ସମାଜ। ପିତୃପୁରୁଷ ସନ୍ତୁଷ୍ଟ ହେଲେ ପରିବାରର ମଙ୍ଗଳ ହେବ। ସୁଖଶାନ୍ତି ବିରାଜମାନ କରିବ ନିଶ୍ଚୟ!



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଆଡମ୍ବର

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଡମ୍ବରରେ ରୁହ ମନାନାହିଁ କିନ୍ତୁ ବଡ ଆଡମ୍ବର ଭାରି ଖରାପ । କଥାରେ ଅଛି (ବହୁ ଆଡମ୍ବରେ ଲଘୁ କ୍ରିୟା) ବହୁ ଆଡମ୍ବର ଦ୍ୱା

ভ্রাম্যমাণ আদালত চালিয়ে ৫৭ হাজার টাকা জরিমানা

ফুলঝুড়ি, নিজস্ব প্রতিবেদক

ফুলঝুড়ি পৌরসভা এলাকায় বিভিন্ন অভিযোগের ভিত্তিতে ভ্রাম্যমাণ আদালত পরিচালনা করেছে ফুলঝুড়ি থানা প্রশাসন। বৃহস্পতিবার দুপুর ১২টা থেকে বিকেল ৪টা পর্যন্ত এ অভিযান চালানো হয়। এসময় ৫টি প্রতিষ্ঠানকে মোট ৫৭ হাজার টাকা জরিমানা করা হয়েছে।

ফুলঝুড়ি থানা নির্বাহী কর্মকর্তা (ইউএনও) শাহনাজ পারভীন চৌধুরী নেতৃত্বে অভিযান পরিচালনা করেন ফুলঝুড়ি থানা পুলিশের একটি দল। অভিযানে সহায়তা করেন ফুলঝুড়ি ফায়ার সার্ভিস স্টেশনের একটি দল।

অভিযানে ফুলঝুড়ি পৌর এলাকার ৫টি প্রতিষ্ঠানকে মোট ৫৭ হাজার টাকা জরিমানা করা হয়। এসব প্রতিষ্ঠানের মধ্যে রয়েছে একটি ফার্মেসি, একটি মুদি দোকান, একটি চায়ের দোকান, একটি মিষ্টির দোকান ও একটি হোটেল। অভিযানে ফার্মেসিকে ১০ হাজার টাকা, মুদি দোকানকে ১৫ হাজার টাকা, চায়ের দোকানকে ৫ হাজার টাকা, মিষ্টির দোকানকে ১০ হাজার টাকা এবং হোটেলকে ১৭ হাজার টাকা জরিমানা করা হয়।

অভিযানে নেতৃত্ব দেওয়া ইউএনও শাহনাজ পারভীন চৌধুরী বলেন, ‘ফুলঝুড়ি পৌরসভার বিভিন্ন স্থানে ভেজাল খাদ্যপণ্য বিক্রি, মেয়াদোত্তীর্ণ ওষুধ বিক্রি, অনিবন্ধিত ফার্মেসি পরিচালনা, ফুটপাতে খাবার বিক্রি, অপরিচ্ছন্ন পরিবেশে খাবার বিক্রি, ফায়ার সার্ভিস ও সিভিল ডিফেন্সের অনাপত্তি সনদ না নেওয়াসহ বিভিন্ন অনিয়মের অভিযোগ পাওয়া যাচ্ছিল। এসব অভিযোগের ভিত্তিতে আজ অভিযান পরিচালনা করা হয়েছে।’

ইউএনও আরও বলেন, ‘অভিযানে যেসব প্রতিষ্ঠানে অনিয়ম পাওয়া গেছে, সেসব প্রতিষ্ঠানকে জরিমানা করা হয়েছে। ভবিষ্যতে এসব অনিয়ম বন্ধ না হলে আইনি ব্যবস্থা নেওয়া হবে।’

ফুলঝুড়ি থানার ওসি মো. আবুল কাশেম ভূঁইয়া বলেন, ‘অভিযানে আমরা সহায়তা করেছি। ভবিষ্যতেও এ ধরনের অভিযানে সহায়তা অব্যাহত থাকবে।’

ফুলঝুড়ি ফায়ার সার্ভিস স্টেশনের স্টেশন অফিসার মো. রফিকুল ইসলাম বলেন, ‘অভিযানে আমরা ৫টি প্রতিষ্ঠানের অগ্নিনিরাপত্তা ব্যবস্থা পরিদর্শন করেছি। এসময় ৩টি প্রতিষ্ঠানে অগ্নিনিরাপত্তা ব্যবস্থা না থাকায় জরিমানা করা হয়েছে।’

ভোরের আলো ও ফুলঝুড়ি ফার্মেসি বন্ধ, ৫ প্রতিষ্ঠানে ৫৭ হাজার টাকা জরিমানা

ফুলঝুড়ি, নিজস্ব প্রতিবেদক

ফুলঝুড়ি পৌরসভা এলাকায় বিভিন্ন অভিযোগের ভিত্তিতে ভ্রাম্যমাণ আদালত পরিচালনা করেছে ফুলঝুড়ি থানা প্রশাসন। বৃহস্পতিবার দুপুর ১২টা থেকে বিকেল ৪টা পর্যন্ত এ অভিযান চালানো হয়। এসময় ৫টি প্রতিষ্ঠানকে মোট ৫৭ হাজার টাকা জরিমানা করা হয়েছে। ফুলঝুড়ি থানা নির্বাহী কর্মকর্তা (ইউএনও) শাহনাজ পারভীন চৌধুরী নেতৃত্বে অভিযান পরিচালনা করেন ফুলঝুড়ি থানা পুলিশের একটি দল। অভিযানে সহায়তা করেন ফুলঝুড়ি ফায়ার সার্ভিস স্টেশনের একটি দল।

অভিযানে ফুলঝুড়ি পৌর এলাকার ৫টি প্রতিষ্ঠানকে মোট ৫৭ হাজার টাকা জরিমানা করা হয়। এসব প্রতিষ্ঠানের মধ্যে রয়েছে একটি ফার্মেসি, একটি মুদি দোকান, একটি চায়ের দোকান, একটি মিষ্টির দোকান ও একটি হোটেল। অভিযানে ফার্মেসিকে ১০ হাজার টাকা, মুদি দোকানকে ১৫ হাজার টাকা, চায়ের দোকানকে ৫ হাজার টাকা, মিষ্টির দোকানকে ১০ হাজার টাকা এবং হোটেলকে ১৭ হাজার টাকা জরিমানা করা হয়।

অভিযানে নেতৃত্ব দেওয়া ইউএনও শাহনাজ পারভীন চৌধুরী বলেন, ‘ফুলঝুড়ি পৌরসভার বিভিন্ন স্থানে ভেজাল খাদ্যপণ্য বিক্রি, মেয়াদোত্তীর্ণ ওষুধ বিক্রি, অনিবন্ধিত ফার্মেসি পরিচালনা, ফুটপাতে খাবার বিক্রি, অপরিচ্ছন্ন পরিবেশে খাবার বিক্রি, ফায়ার সার্ভিস ও সিভিল ডিফেন্সের অনাপত্তি সনদ না নেওয়াসহ বিভিন্ন অনিয়মের অভিযোগ পাওয়া যাচ্ছিল। এসব অভিযোগের ভিত্তিতে আজ অভিযান পরিচালনা করা হয়েছে।’

ফুলঝুড়ি থানার ওসি মো. আবুল কাশেম ভূঁইয়া বলেন, ‘অভিযানে আমরা সহায়তা করেছি। ভবিষ্যতেও এ ধরনের অভিযানে সহায়তা অব্যাহত থাকবে।’

ফুলঝুড়ি ফায়ার সার্ভিস স্টেশনের স্টেশন অফিসার মো. রফিকুল ইসলাম বলেন, ‘অভিযানে আমরা ৫টি প্রতিষ্ঠানের অগ্নিনিরাপত্তা ব্যবস্থা পরিদর্শন করেছি। এসময় ৩টি প্রতিষ্ঠানে অগ্নিনিরাপত্তা ব্যবস্থা না থাকায় জরিমানা করা হয়েছে।’

ভোরের আলো ও ফুলঝুড়ি ফার্মেসি বন্ধ, ৫ প্রতিষ্ঠানে ৫৭ হাজার টাকা জরিমানা

ফুলঝুড়ি, নিজস্ব প্রতিবেদক

ফুলঝুড়ি পৌরসভা এলাকায় বিভিন্ন অভিযোগের ভিত্তিতে ভ্রাম্যমাণ আদালত পরিচালনা করেছে ফুলঝুড়ি থানা প্রশাসন। বৃহস্পতিবার দুপুর ১২টা থেকে বিকেল ৪টা পর্যন্ত এ অভিযান চালানো হয়। এসময় ৫টি প্রতিষ্ঠানকে মোট ৫৭ হাজার টাকা জরিমানা করা হয়েছে। ফুলঝুড়ি থানা নির্বাহী কর্মকর্তা (ইউএনও) শাহনাজ পারভীন চৌধুরী নেতৃত্বে অভিযান পরিচালনা করেন ফুলঝুড়ি থানা পুলিশের একটি দল। অভিযানে সহায়তা করেন ফুলঝুড়ি ফায়ার সার্ভিস স্টেশনের একটি দল।

অভিযানে ফুলঝুড়ি পৌর এলাকার ৫টি প্রতিষ্ঠানকে মোট ৫৭ হাজার টাকা জরিমানা করা হয়। এসব প্রতিষ্ঠানের মধ্যে রয়েছে একটি ফার্মেসি, একটি মুদি দোকান, একটি চায়ের দোকান, একটি মিষ্টির দোকান ও একটি হোটেল। অভিযানে ফার্মেসিকে ১০ হাজার টাকা, মুদি দোকানকে ১৫ হাজার টাকা, চায়ের দোকানকে ৫ হাজার টাকা, মিষ্টির দোকানকে ১০ হাজার টাকা এবং হোটেলকে ১৭ হাজার টাকা জরিমানা করা হয়।

অভিযানে নেতৃত্ব দেওয়া ইউএনও শাহনাজ পারভীন চৌধুরী বলেন, ‘ফুলঝুড়ি পৌরসভার বিভিন্ন স্থানে ভেজাল খাদ্যপণ্য বিক্রি, মেয়াদোত্তীর্ণ ওষুধ বিক্রি, অনিবন্ধিত ফার্মেসি পরিচালনা, ফুটপাতে খাবার বিক্রি, অপরিচ্ছন্ন পরিবেশে খাবার বিক্রি, ফায়ার সার্ভিস ও সিভিল ডিফেন্সের অনাপত্তি সনদ না নেওয়াসহ বিভিন্ন অনিয়মের অভিযোগ পাওয়া যাচ্ছিল। এসব অভিযোগের ভিত্তিতে আজ অভিযান পরিচালনা করা হয়েছে।’

ফুলঝুড়ি থানার ওসি মো. আবুল কাশেম ভূঁইয়া বলেন, ‘অভিযানে আমরা সহায়তা করেছি। ভবিষ্যতেও এ ধরনের অভিযানে সহায়তা অব্যাহত থাকবে।’

ফুলঝুড়ি ফায়ার সার্ভিস স্টেশনের স্টেশন অফিসার মো. রফিকুল ইসলাম বলেন, ‘অভিযানে আমরা ৫টি প্রতিষ্ঠানের অগ্নিনিরাপত্তা ব্যবস্থা পরিদর্শন করেছি। এসময় ৩টি প্রতিষ্ঠানে অগ্নিনিরাপত্তা ব্যবস্থা না থাকায় জরিমানা করা হয়েছে।’

32 YEARS
ଧ୍ରୁବ କନ୍ୟା
ଭୁବନେଶ୍ୱର, ୧୬ ନଭେମ୍ବର, ସୋମବାର, ୨୦୨୬
ପୃଷ୍ଠା – ୬

୩-୧ରେ ଓଡିଆଇ ସିରିଜ୍ ଜିତିଲା ଟିମ୍ ଇଣ୍ଡିଆ

ଶେଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୨୨ ରନରେ ହରାଇଲା ଭାରତ

ମାଉଣ୍ଟ ମାଉଙ୍ଗାନୁଇ

ଅର୍ଶଦୀପ ସିଂହ ଏବଂ ମହମ୍ମଦ ସିରାଜଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭାରତୀୟ କ୍ରିକେଟ୍ ଟିମ୍ ମାଉଣ୍ଟ ମାଉଙ୍ଗାନୁଇରେ ଦିନିକିଆ (ଓଡିଆଇ) ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୨୨ ରନ୍‌ରେ ପରାସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୩-୧ରେ ଜିତିଛି। ନ୍ୟୁଜିଲାଣ୍ଡ ପୂର୍ବରୁ ଘରୋଇ ମାଟିରେ କ୍ରମାଗତ ୧୧ଟି ଦିନିକିଆ ସିରିଜ୍ ଜିତିଥିଲା। ଏବେ ଟିମ୍ ଇଣ୍ଡିଆ ସେମାନଙ୍କର ବିଜୟ ଧାରାରେ ବ୍ରେକ ଲଗାଇଛି।

ଭାରତ ପ୍ରଥମେ ବ୍ୟାଟିଂ କରି ୨୦୯ କରି ନ୍ୟୁଜିଲାଣ୍ଡକୁ ବିଜୟ ପାଇଁ ୨୧୦ ରନର ଟାର୍ଗେଟ ଦେଇଥିଲା। ୨୧୦ ରନର ଟାର୍ଗେଟକୁ ପିଛା କରି ନ୍ୟୁଜିଲାଣ୍ଡ ୪୮.୧ ଓଭରରେ ୧୮୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଆରମ୍ଭରୁ ହିଁ ନ୍ୟୁଜିଲାଣ୍ଡର ପ୍ରଦର୍ଶନ ଖରାପ ଥିଲା। ଟିମ୍ ସେଫର୍ଟ ମାତ୍ର ୧୪ ରନ କରି ଆଉଟ ହୋଇଥିଲେ। ପ୍ରଥମ ଓଡିଆଇରେ ଶତକ ହାସଲ କରିଥିବା ୱିଲ୍ ୟଙ୍ଗ୍ ୪୨ ବଲରୁ ୨୨ ରନ କରି ଆଉଟ ହୋଇଥିଲେ। ନିକ୍ କେଲି ୨୪ ରନ କରି ଅର୍ଶଦୀପ ସିଂହଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଡିନ୍ ଫକ୍ସକ୍ରାଫ୍ଟ ଭଲ ଆରମ୍ଭର ଫାଇଦା ଉଠାଇ ପାରି ନଥିଲେ ଏବଂ ୪୨ ବଲରୁ ୩୧ ରନ କରି ଆଉଟ ହୋଇଥିଲେ।

ନ୍ୟୁଜିଲାଣ୍ଡ ଗୋଟିଏ ସମୟରେ, ୮୨ ରନରେ ୩ଟି ୱିକେଟ ହରାଇ ଏକ ଭଲ ସ୍ଥିତି ଆଡ଼କୁ ଆଗ୍ରସର ହେଉଥିଲା। ମାତ୍ର, ପରେ ଲଗାତାର ନ୍ୟୁଜିଲାଣ୍ଡ ଟିମ୍‌ର ଗୋଟିଏ ପରେ ଗୋଟିଏ ୱିକେଟ ଖସିଥିଲା। ଫିନ୍ ଏଲନଙ୍କୁ ମହମ୍ମଦ ସିରାଜ ୧ ରନରେ ଆଉଟ କରିଥିଲେ। ସେହିପରି ମାଇକେଲ୍ ବ୍ରେସୱେଲଙ୍କୁ ଆକିବ୍ ନବି ୧୯ ରନରେ ଆଉଟ କରିଥିଲେ। ଅଧିନାୟକ ମିଚେଲ୍ ସାଣ୍ଟନର, କ୍ରିଶ୍ଚିଆନ୍ କ୍ଲାର୍କଙ୍କ ସହିତ ସପ୍ତମ ୱିକେଟ ପାଇଁ ୩୯ ରନ ଯୋଡ଼ି ଦଳର



ଇନିଂସକୁ ସ୍ଥିର କରିବାକୁ ଚେଷ୍ଟା କରିଥିଲେ। ଏହି ଭାଗୀଦାରୀକୁ ନମନ ଧୀର ଭାଙ୍ଗି ଦେଇ ସାଣ୍ଟନରଙ୍କୁ ୨୪ ରନରେ ଆଉଟ କରିଥିଲେ।

କ୍ଲାର୍କ ୧୬ ରନ୍ କରି ଆଉଟ୍ ହୋଇଥିଲେ। ବ୍ଲୁୟାର ଟିକନର ୧୪ ରନ୍ କରି ପର୍ଡ଼ିଆରୁ ବିଦାୟ ନେଇଥିଲେ। ସେହିପରି ଜାକବ୍ ଡଫି ମାତ୍ର ୯ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଶ୍ରେଷ୍ଠ ବୋଲର ଭାବରେ ୧୦ ଓଭରରେ ୩୦ ରନ୍ ଦେଇ ୩ ୱିକେଟ୍ ନେଇଥିଲେ। ମହମ୍ମଦ ସିରାଜ ଏବଂ ଅକ୍ଷର ପଟେଲ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଆକିବ୍ ନବି, ଯଶ ଠାକୁର ଏବଂ ନମନ ଧୀର ପ୍ରତ୍ୟେକେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ପୂର୍ବରୁ ଭାରତ ୪୨.୧ ଓଭରରେ ୨୦୯ ରନ କରି ଅଲଆଉଟ୍ ହୋଇଥିଲା। ଦଳର ଆରମ୍ଭ ଖରାପ ଥିଲା, ରୋହିତ ଶର୍ମା ମାତ୍ର ୭ ରନ କରି ଆଉଟ୍ ହୋଇଥିଲେ। ବିରାଟ କୋହଲିଙ୍କ ପ୍ରଦର୍ଶନ ମଧ୍ୟ ଖରାପ ଥିଲା। ସେ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିଲେ। ରତୁରାଜ ଗାୟକ୍ୱାଡ ୧୮ ରନ କରିବା ପରେ ଜାକବ ଡଫିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟର ୨୨ ରନ କରି ପାଭିଲିୟନ ଫେରିଥିଲେ। ୩୪ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିବା ଭାରତକୁ ଅକ୍ଷର ପଟେଲ ଏବଂ ଇଶାନ କିଶାନ ସମ୍ଭାଳିଥିଲେ। ଏହି ଦୁଇଜଣ ଚତୁର୍ଥ ୱିକେଟ ପାଇଁ ୫୨ ରନ ଯୋଡ଼ିଥିଲେ। ଅକ୍ଷର ୫୫ ବଲରୁ ୪୬ ରନ କରି ଆଉଟ ହୋଇଥିଲେ। ଇଶାନ ୫୮ ବଲରୁ ୩ ଚୌକା ଏବଂ ୨ ଛକା ସହିତ ୪୬ ରନ କରି ପାଭିଲିୟନ ଫେରିଥିଲେ।

ଆକିବ ନବି (୫ ରନ୍) ଏବଂ ୟଶ ଠାକୁର (୦)ଙ୍କୁ ମିଚେଲ ସାଣ୍ଟନର ଆଉଟ୍ କରିଥିଲେ। ମହମ୍ମଦ ସିରାଜ ଶେଷ ଓଭରରେ ୧୧ ରନ୍ କରି ଅପରାଜିତ ରହିଥିଲେ। ଅର୍ଶଦୀପ ସିଂହ ୪ ବଲରେ ୧୪ ରନ୍ କରି ଦଳର ସ୍କୋରକୁ ୨୦୦ ପାର କରାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଜାକବ ଡଫି ୩ ୱିକେଟ୍, ମିଚେଲ ସାଣ୍ଟନର ମଧ୍ୟ ୪୭ ରନ୍ ଦେଇ ୩ ୱିକେଟ୍ ଓ ମାଥ୍ୟୁ ଫିସର ୨ଟି ୱିକେଟ୍ ନେଇଥିଲେ।

ତିନୋଟି ୱିକେଟ୍ ନେଇ ଅର୍ଶଦୀପ ସିଂହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ନମନ ଧିର ଶୃଙ୍ଖଳାରେ ୯ଟି ୱିକେଟ୍ ନେଇ ପ୍ଲେୟାର ଅଫ୍ ଦି ସିରିଜ୍ ହୋଇଛନ୍ତି।

ଆସାମକୁ ୬ ୱିକେଟ୍‌ରେ ହରାଇଲା ଓଡ଼ିଶା ମହିଳା ଦଳ



ସାରଦା ମହାନନ୍ଦ



ଏସ.ବି. ଲୋରେନ୍

କଟକ, ନ୍ୟୁଜ୍‌ବ୍ୟୁରୋ

ବିସିସିଆଇ ଘରୋଇ କ୍ରିକେଟ୍ ସିଜନ୍ ୨୦୨୬-୨୭ ଅନ୍ତର୍ଗତ ମହିଳା ଅଣ୍ଡର-୨୩ ଟି-୨୦ ଟ୍ରଫି ଏଲିଟ୍-ସି ପ୍ରତିଯୋଗିତାରେ ଆସାମ ବିପକ୍ଷରେ ଦମଦାର ବିଜୟ ହାସଲ କରିଛି ଓଡ଼ିଶା ମହିଳା କ୍ରିକେଟ୍ ଦଳ। ରାଜକୋଟସ୍ଥିତ ସାନୋସାରା କ୍ରିକେଟ୍ ଗ୍ରାଉଣ୍ଡ-ଏ'ରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୬ ୱିକେଟ୍‌ରେ ଆସାମକୁ ପରାସ୍ତ କରିଛି। ଟସ୍ ଜିତି ଆସାମ ମହିଳା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ୍ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା। ଆସାମ ପକ୍ଷରୁ ଖୁସି ଶର୍ମା ଅପରାଜିତ ୫୪ ରନ୍ (୩୭ ବଲ୍) ଏବଂ ଡଲି କାର୍ଡୋଙ୍ଗ ୨୧ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଏସ୍.ବି. ଲରେନ୍ସ ୪ ଓଭରରେ ୨୧ ରନ୍ ଦେଇ ୪ଟି ୱିକେଟ୍ ଏବଂ ସରଦା ମହାନନ୍ଦ ୪ ଓଭରରେ ୧୩ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ମହିଳା ଦଳ ମାତ୍ର ୧୫.୪ ଓଭରରେ ୪ଟି ୱିକେଟ୍ ହରାଇ ୧୧୫ ରନ୍ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓଡ଼ିଶା ପକ୍ଷରୁ ଅଲିପ୍ସା ବିଶ୍ୱାଳ ୧୭ ବଲ୍‌ରେ ୨୯ ରନ୍ ଏବଂ ସୁଚିସ୍ମିତା ପଣ୍ଡା ଅପରାଜିତ ୨୫ ରନ୍ (୧୪ ବଲ୍) କରି ଦଳର ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ। ଆସାମ ପକ୍ଷରୁ ପ୍ରିୟଙ୍କା କଲିତା ୨ଟି ଏବଂ କାକୁ ବର୍ମନ୍ ଗୋଟିଏ ୱିକେଟ୍ ନେଇଥିଲେ। ଶେଷରେ ଓଡ଼ିଶା ମହିଳା ଦଳ ୬ ୱିକେଟ୍‌ରେ ବିଜୟୀ ହୋଇ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିଛି।

ଡବ୍ଲୁଟିଏ ଫାଇନାଲ୍ସ : ଫାଇନାଲ୍‌ରେ ଆନ୍ଦ୍ରିଭା-ସ୍ୱିତୋଲିନା



ଲଣ୍ଡି ଆନ୍ ଓ୍ୱେଲ୍ସ :

ଚଳିତ ବର୍ଷର ଶେଷ ଟେନିସ ପ୍ରତିଯୋଗିତା ଡବ୍ଲ୍ୟୁଟିଏ ଫାଇନାଲ୍ସରେ ୧୯ ବର୍ଷୀୟ ରୁଷୀୟ ତରୁଣୀ ମୀରା ଆନ୍ଦ୍ରିଭା ଓ ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନା ମୁହାଁମୁହିଁ ହେବେ। ସେମିଫାଇନାଲ୍‌ରେ ଆନ୍ଦ୍ରିଭା ସିଧାସଳଖ ୬-୩, ୬-୪ ସେଟ୍‌ରେ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ଫ୍ରେଞ୍ଚ ଓପନ ବିଜୟିନୀ ଆନ୍ଦ୍ରିଭା ୨୦୦୪ ପରେ ଡବ୍ଲ୍ୟୁଟିଏ ଫାଇନାଲ୍ସର ଫାଇନାଲ୍‌ରେ ପହଞ୍ଚିବାରେ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ରୁଷିଆର ମାରିଆ ଶାରାପୋଭା ୨୦୦୪ରେ ୧୭ ବର୍ଷ ବୟସରେ ସେରେନା ୱିଲିୟମ୍ସଙ୍କୁ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲେ। ଅନ୍ୟଏକ ସେମିଫାଇନାଲ୍‌ରେ ସ୍ୱିତୋଲିନା ସିଧାସଳଖ ୬-୨, ୬-୧ ସେଟ୍‌ରେ ୱିମ୍ବଲଡନ୍ ବିଜୟିନୀ ଚେକ୍‌ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ହରାଇଥିଲେ।

ଜାପାନ ମାଷ୍ଟର୍ସ ଜିତିଲେ ଲକ୍ଷ୍ୟ ସେନ୍

ଟୋକିଓ

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଜାପାନରେ ଏକ ଐତିହାସିକ ସଫଳତା ପ୍ରଦର୍ଶନ କରିଛନ୍ତି। ସେ କୁମାମୋଟୋ ମାଷ୍ଟର୍ସ ଜାପାନ ଓପନ୍ ଟାଇଟଲ୍ ଜିତିଛନ୍ତି। ବିଶ୍ୱର ୧୩ ନମ୍ବର ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ୧୩-୨୧, ୨୧-୧୮, ୨୧-୧୪ ସେଟ୍‌ରେ ଜାପାନର କୋକି ୱାଟାନାବେଙ୍କୁ ପରାସ୍ତ କରିଛନ୍ତି। ଏହି ଚମତ୍କାର ଟାଇଟଲ୍ ବିଜୟ ସହିତ ଲକ୍ଷ୍ୟ ସେନ୍ ପ୍ରଥମ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଭାବେ ୨୦୨୩ ମସିହାରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଜିତିଛନ୍ତି। ପ୍ରଥମ ଗେମ୍ ହାରିବା ପରେ ଗ୍ରାଅଡ କମବ୍ୟାକ କରିଥିଲେ ଷ୍ଟାର ସଟଲର୍ ଲକ୍ଷ୍ୟ ସେନ୍।

ଘରୋଇ ପ୍ରଶଂସକଙ୍କ ବିପୁଳ



ସମର୍ଥନ ମଧ୍ୟରେ ଖେଳୁଥିବା କୋକି ୱାଟାନାବେ ଆକ୍ରମଣାତ୍ମକ ଭାବରେ ମ୍ୟାଚ୍ ଆରମ୍ଭ କରିଥିଲେ ଏବଂ ପ୍ରଥମ ଗେମ୍‌କୁ ସହଜରେ ୨୧-୧୩ରେ ଜିତିଥିଲେ। ତେବେ ଏହା ପରେ ଲକ୍ଷ୍ୟ ସେନ୍ ତାଙ୍କ ଖେଳର ସ୍ତରକୁ ବଢାଇଥିଲେ। ଗ୍ରାଣ୍ଡ କମବ୍ୟାକ କରିଥିଲେ। ସଠିକ୍ ସ୍ମାସ୍ ଏବଂ ଉତ୍କୃଷ୍ଟ କୋର୍ଟ କଭରେଜ୍ ଯୋଗୁଁ ଲକ୍ଷ୍ୟ ଦ୍ୱିତୀୟ ଗେମ୍‌କୁ ୨୧-୧୮ରେ ଜିତି ମ୍ୟାଚ୍‌କୁ ୧-୧ରେ ସମାନତା କରିଥିଲା। ଏହାପରେ ତୃତୀୟ ତଥା ଅନ୍ତିମ ଗେମ୍‌ରେ ଲକ୍ଷ୍ୟ ଆରମ୍ଭରୁ ଅଗ୍ରଣୀ ରହି ବିରତି ପର୍ଯ୍ୟନ୍ତ ୧୧-୭ରେ ଆଗୁଆ ରହିଥିଲେ। ତା'ପରେ ସେ ତାଙ୍କ ଅଗ୍ରଣୀ ୯ ପଏଣ୍ଟକୁ ବୃଦ୍ଧି କରିଥିଲେ ଏବଂ ୱାଟାନାବେଙ୍କୁ ପ୍ରତ୍ୟାବର୍ତ୍ତନ କରିବାର କୌଣସି ସୁଯୋଗ ନ ଦେଇ ଖେଳ ଏବଂ ମ୍ୟାଚ୍ ୨୧-୧୪ରେ ଜିତିଥିଲେ।

ଏହି ବିଜୟ ସହିତ ଲକ୍ଷ୍ୟ ଚଳିତ ବର୍ଷ ସିଙ୍ଗାପୁର ଓପନ୍ ଏବଂ ଜାପାନ ଓପନରେ ୱାଟାନାବେଙ୍କ ହାତରେ ପରାଜୟର ହିସାବକୁ ମଧ୍ୟ ସମାନ କରିଛି। ଦୁଇ ଖେଳାଳିଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ମ୍ୟାଚରେ ଟାର୍ଗେଟର ରେକର୍ଡ ୫-୩ ରହିଛି। ଏଥି ସହିତ ଲକ୍ଷ୍ୟ ସେନ୍ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ୫ଟି ବିଜୟ ହାସଲ କରି କୁମାମୋଟୋ ମାଷ୍ଟର୍ସ ଟ୍ରଫି ଜିତିଥିଲେ। ଏହା ବ୍ୟତୀତ ଲକ୍ଷ୍ୟ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୫୦୦ ଟାଇଟଲ୍ ଜିତିଛନ୍ତି, ଯିଏ ନିକଟରେ ଜର୍ମାନୀରେ ହିଲୋ ଓପନ୍ ଜିତିଛନ୍ତି, ଯେଉଁଥିରେ ସେ ୯୨୦୦ ବଡ଼ ରାଙ୍କିଙ୍ଗ୍ ପଏଣ୍ଟ ମଧ୍ୟ ହାସଲ କରିଛନ୍ତି।

ଲକ୍ଷ୍ୟ ସେନ୍‌ଙ୍କ ଚାମ୍ପିଅନ୍ ଯାତ୍ରା - ପ୍ରଥମ ରାଉଣ୍ଡ : ଚି ୟୁ-ଜେନ୍ (ଚାଇନିଜ୍ ତାଇପେ) ୨୧-୧୯, ୨୧-୧୮। ଦ୍ୱିତୀୟ ରାଉଣ୍ଡ: ଡୋଙ୍ଗ ତିଆନୟାଓ (ଚୀନ୍) ୨୧-୮, ୨୧-୧୪। କ୍ୱାର୍ଟର ଫାଇନାଲ୍ : ୟୁଶି ତାନାକା (ଜାପାନ) ୨୧-୧୬, ୨୧-୧୫। ସେମିଫାଇନାଲ୍ : ଅଲଭି ଫରହାନ (ଭାରତ) ୨୧-୧୨, ୧୫-୨୧, ୨୧-୧୧ ଫାଇନାଲ୍ : କୋକି ୱାଟାନାବେଙ୍କୁ (ଜାପାନ) ୧୩-୨୧, ୨୧-୧୮, ୨୧-୧୪।

ଏଚ୍‌ସିଏଲ୍ ସାଇକ୍ଲୋଥନରେ ସ୍ୱସ୍ତି ପ୍ରଥମ

ଭୁବନେଶ୍ୱର

ଓଡ଼ିଆ ଝିଅ ସ୍ୱସ୍ତି ସିଂହ ରବିବାର ହାଇଦ୍ରାବାଦରେ ଆୟୋଜିତ ୨୦୨୬ ଏଚ୍‌ସିଏଲ୍ ସାଇକ୍ଲୋଥନରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଭାରତୀୟ ସାଇକ୍ଲିଂ ମହାସଂଘ ଓ ତେଲେଙ୍ଗାନା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ମହିଳା ଏଲିଟ୍ ୫୦ କିମି କ୍ରିଟେରିଅମ୍ ରେସ୍‌ରେ ସ୍ୱସ୍ତି ଏହି ଟ୍ରଫି ଜିତିଥିଲେ।

ତାଙ୍କ ପଛକୁ ସୌମ୍ୟା ଅନ୍ତପୁର ଓ ନନ୍ଦା ଚାନାମାଲ୍ଲାପ୍ପା ଚିନଚାକଖଣ୍ଡି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରୁଷ ବର୍ଗରେ ମନଜିତ ସିଂହ, ସାହିଲ ସିଂହ ଓ ଦିନେଶ କୁମାର ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ୨୦୦୦ରୁ ଅଧିକ ପେସାଦାର ଓ ଆମେଚର ସାଇକ୍ଲିଷ୍ଟମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ମୋଟ ୩୩.୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା।



ଉଭୟ ପୁରୁଷ ଓ ମହିଳା ବର୍ଗରେ ହଙ୍ଗକଙ୍ଗ ଚାଇନା ଚାମ୍ପିଅନ୍, ମହିଳା ବର୍ଗରେ ଭାରତକୁ ମିଳିଲା ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଉଦ୍‌ଯାପିତ ହୋଇଛି ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬। ଉଭୟ ପୁରୁଷ ଓ ମହିଳା ବର୍ଗରେ ହଙ୍ଗକଙ୍ଗ ଚାଇନା ଚାମ୍ପିୟନ୍ (ସ୍ୱର୍ଣ୍ଣ ପଦକ) ହୋଇଛି। ସେହିପରି ଭାବେ ମାଲେସିଆ ଉଭୟ ପୁରୁଷ ଓ ମହିଳା ବର୍ଗରେ ଦ୍ୱିତୀୟ ସ୍ଥାନ (ରୌପ୍ୟ ପଦକ) ହାସଲ କରିଛି। ପୁରୁଷ ବର୍ଗରେ ଚାଇନିଜ ତାଇପେଇ ତୃତୀୟ ସ୍ଥାନ (ବ୍ରୋଞ୍ଜ ପଦକ) ହାସଲ କରିଥିବା ବେଳେ ମହିଳା ବର୍ଗରେ ଭାରତ ତୃତୀୟ ସ୍ଥାନ (ବ୍ରୋଞ୍ଜ ପଦକ) ହାସଲ କରିଛି।

ଏହି ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ



ଅତିଥି ଭାବେ ଯୋଗଦେଇ କ୍ରୀଡ଼ା.ବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ କହିଥିଲେ ଯେ, କଳିଙ୍ଗ ଷ୍ଟାଡ଼ିୟମ୍‌ରେ ସଫଳତାର ସହ ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬ ଆୟୋଜିତ ହୋଇଛି। ୨୦୧୮ ମସିହା ପରେ ଦୀର୍ଘ ୮ ବର୍ଷ ପରେ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରୀୟ ରଗ୍‌ବୀ ଚାମ୍ପିୟନସିପ୍ ଆୟୋଜିତ ହେବା ଆମ ପାଇଁ ଗର୍ବ ଓ ଗୌରବରେ ବିଷୟ। ଏହି ଚାମ୍ପିୟନସିପ୍‌ରେ ୧୦ଟି ଦେଶର ୧୭ଟି ଟିମ୍ (୧୦ ଟି ପୁରୁଷ ଓ ୭ ଟି ମହିଳା ଟିମ୍) ଅଂଶଗ୍ରହଣ କରିଥିଲେ। ଭାରତର ମହିଳା ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସମସ୍ତ ବିଜେତା ଟିମ୍‌କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏଥିସହ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ଓଡ଼ିଶା ବିଶ୍ୱ କ୍ରୀଡ଼ା ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ସହ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬ର ସଫଳ ଆୟୋଜନ ନିମନ୍ତେ ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ୍‌ର ସଭାପତି ରାହୁଲ ବୋଷ ଖୁସିବ୍ୟକ୍ତ କରିବା ସହ ରଗ୍‌ବୀରେ ବିକାଶ ପାଇଁ ଓଡ଼ିଶା ସରକାର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ନିରନ୍ତର ଭାବେ ସହଯୋଗ ପ୍ରଦାନ କରିଛନ୍ତି ବୋଲି ବୋଷ ମତପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ନିର୍ଦ୍ଦେଶକ ଡ଼ା. ୟେଦୁଲା ବିଜୟ, ରଗ୍‌ବୀ ଇଣ୍ଡିଆର ସେକ୍ରେଟାରୀ ଜି. ପ୍ରଭୁ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମା' ମାଣ୍ଡୀ ଘରିଆଣି ଇନଷ୍ଟିଚ୍ୟୁଟ ଅଫ ନର୍ସିଂ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ



ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ

ଆଜି କେବଳ ଭାରତ ବର୍ଷ ନୁହେଁ ବରଂ ସମଗ୍ର ବିଶ୍ୱରେ ମଧୁମେହ ବା ଡାଇବେଟିସ୍ ପରି ପ୍ରାଣଘାତକ ରୋଗ ଭାବରେ ଦେଖାଦେଇଛି ଆବାଳ ବୃଦ୍ଧ ବନିତା ଏହି ରୋଗର କବଳରେ କବଳିତ। ଏହିରୋଗର ପ୍ରତିକାର ନିମନ୍ତେ ପ୍ରତିବର୍ଷ ନଭେମ୍ବର ମାସ ୧୪ ତାରିଖକୁ ବିଶ୍ୱ ମଧୁମେହ ଦିବସ ରୂପେ ପାଳନ କରାଯାଏ। ଏହିବର୍ଷ ତା ୧୪.୧୧.୨୦୨୬ ରିଖ ଶନିବାର ଦିନ ବିଶ୍ୱ ମଧୁମେହ ଦିବସ ଅବସରରେ ମା' ମଣ୍ଡିଘରିଆଣି ଇନଷ୍ଟିଚ୍ୟୁଟ ଅଫ ନର୍ସିଙ୍ଗ, ରାୟଗଡ଼ା ତରଫରୁ ଅନୁଷ୍ଠାନର ଚ୍ୟାରମ୍ୟାନ ନୟନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇରେ ରାୟଗଡ଼ା ସହର ତଥା ଜେ.କେ ପୁର ଠାରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା ଏବଂ ଏହି ଅବସରରେ ଜେ.କେ ସହରର ଗୋପବନ୍ଧୁ ଛକ ଠାରେ ସଚେତନତା ଭିତ୍ତିକ ଏକ ପାଥପ୍ରାନ୍ତ ନାଟକ ମଧ୍ୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାୟଗଡ଼ା ଓ ଜେ.କେ ପୁରର ବୁଦ୍ଧିଜୀବୀ ତଥା ଜନସାଧାରଣ ଉପଭୋଗ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ନଭେମ୍ବର, ୨୦୨୬ ସୋମବାର



ପୂର୍ବତଟ ରେଳପଥର ସୌରଚାଳିତ ସିସିଟିଭି ନେଟୱର୍କ ଦ୍ୱାରା ଅପରାଧ ଘଟଣାରେ ପ୍ରାୟ ୮୦% ହ୍ରାସ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରେଳ ସୁରକ୍ଷା ଓ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ପୂର୍ବ ତଟ ରେଳପଥ ପକ୍ଷରୁ ସୌରଚାଳିତ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ବ୍ୟବସ୍ଥା ଅଧୀନରେ ନିରୀକ୍ଷଣ କରାଯାଉଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଅପରାଧ ଓ ସୁରକ୍ଷା ସମ୍ବନ୍ଧୀୟ ଘଟଣାରେ ପ୍ରାୟ ୮୦% ହ୍ରାସ ଘଟିଛି।



ସୌରଚାଳିତ ସିସିଟିଭି କ୍ୟାମେରା ସ୍ଥାପନ ପରେ ୨୦୨୬ ମସିହା ଜାନୁଆରୀ ୧ରୁ ଅକ୍ଟୋବର ୨୦ ମଧ୍ୟରେ ଘଟିଥିବା ଅପରାଧିକ ଘଟଣାଗୁଡ଼ିକୁ ୨୦୨୫ ମସିହାର ସମାନ ଅବଧି ସହିତ ତୁଳନା କରି କରାଯାଇଥିବା ବିଶ୍ଳେଷଣରୁ ବିଭିନ୍ନ ବର୍ଗର ଅପରାଧ ଘଟଣାରେ ଉଲ୍ଲେଖନୀୟ ହ୍ରାସ ଜଣାପଡ଼ିଛି। ଭଙ୍ଗାରୁଜା ଓ ରେଳ ଧାରଣା ଉପରେ ବାହ୍ୟ ବସ୍ତୁ ରଖିବା ମାମଲା ୨ରୁ ଶୂନକୁ, କେବୁଲ୍ କାଟିବା ମାମଲା ୧୦ରୁ ୩କୁ, ପଥର ଫିଙ୍ଗିବା ମାମଲା ୨୦ରୁ ୩କୁ ଏବଂ ଯାତ୍ରୀଙ୍କ ସାମଗ୍ରୀ ଚୋରି ମାମଲା ୨ରୁ ଶୂନକୁ ହ୍ରାସ ପାଇଛି। ସେହିପରି ଆଲାର୍ମ ଚେନ୍ ଟାଣିବା ଘଟଣା ୧୮୬ରୁ ୪୨କୁ ଏବଂ ଅନ୍ୟାନ୍ୟ ଅପରାଧ ମାମଲା ୯ରୁ ୧କୁ ହ୍ରାସ ପାଇଛି। ସାମଗ୍ରିକ ଭାବେ, ଏହି ବର୍ଗଗୁଡ଼ିକରେ ମୋଟ ଅପରାଧିକ ଘଟଣା ୨୦୨୫ ମସିହାରେ ୨୨୯ ଥିବାବେଳେ ୨୦୨୬ ମସିହାରେ ଏହା ୪୯କୁ ହ୍ରାସ ପାଇଛି, ଯାହା ପ୍ରାୟ ୭୯% ହ୍ରାସକୁ ଦର୍ଶାଉଛି। ଏହି ପଦକ୍ଷେପ ଅଧୀନରେ ପୂର୍ବ ତଟ ରେଳପଥର ରେଳ ସୁରକ୍ଷା ବଳ ପକ୍ଷରୁ ଏକ ସ୍ଥାୟୀ ଓ ସୌରଚାଳିତ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହା ବିଶେଷ ଭାବେ ଦୁର୍ଗମ, ବିଦ୍ୟୁତ୍ ଯୋଗାଣରେ ଅସୁବିଧା ଥିବା ଏବଂ ନକ୍ସଲ ପ୍ରଭାବିତ ଅଂଚଳ ପାଇଁ ପରିକଳ୍ପନା କରାଯାଇଛି। ବଜ୍ରପାତରୁ ସୁରକ୍ଷା ପାଇଁ ସମନ୍ୱିତ ବ୍ୟବସ୍ଥା ସହିତ ଏହି କ୍ୟାମେରାଗୁଡ଼ିକୁ ରେଳ ଷ୍ଟେସନ, ଲେଭଲ୍ କ୍ରସିଂ, ବ୍ରିଜ୍, ଟନେଲ୍, ନିଛାଟିଆ ରେଳ ଧାରଣା, ୟାର୍ଡ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ରଣନୀତିକ ଭାବେ ସ୍ଥାପନ କରାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଦିନରାତି ନିରନ୍ତର ରିଅଲ୍ ଟାଇମ୍ ମନିଟରିଂ ଏବଂ ଭିଡିଓ ରେକର୍ଡିଂ ସମ୍ଭବ ହେଉଛି। ଏହା ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିବା, ତୁରନ୍ତ ପ୍ରତିରୋଧକ ପଦକ୍ଷେପ ଗ୍ରହଣ କରିବା ଏବଂ ତଦନ୍ତକୁ ସୁଦୃଢ଼ କରିବାରେ ରେଳ ସୁରକ୍ଷା ବଳକୁ ସହାୟତା କରୁଛି। ଏହାଦ୍ୱାରା ରେଳ ଭିତ୍ତିଭୂମିର ସୁରକ୍ଷା ସହିତ ଯାତ୍ରୀମାନଙ୍କ ନିରାପତ୍ତା ମଧ୍ୟ ବୃଦ୍ଧି ପାଉଛି।

ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ରେଳ ସୁରକ୍ଷା ଓ ଯାତ୍ରୀ ସୁବିଧାର କଲେ ସମୀକ୍ଷା



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ନିରୀକ୍ଷଣ କରି ରେଳ ପରିଚାଳନା, ସୁରକ୍ଷା, ଯାତ୍ରୀ ସୁବିଧା ଏବଂ ଷ୍ଟେସନରେ ଉପଲବ୍ଧ ମୌଳିକ ସୁବିଧାଗୁଡ଼ିକର ସମୀକ୍ଷା କରିଥିଲେ। ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ଷ୍ଟେସନର କୁ ଲବି ପରିଦର୍ଶନ କରି ଲୋକୋ ପାଇଲଟ୍ ଏବଂ ସହାୟକ ଲୋକୋ ପାଇଲଟ୍‌ମାନଙ୍କ ସହ ଆଲୋଚନା କରିଥିଲେ। ସେ ରେଳ ପରିଚାଳନା ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ସହ ନିର୍ଦ୍ଧାରିତ ସୁରକ୍ଷା ନିୟମାବଳୀ କଡ଼ାକଡ଼ି ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷକରି କୁହୁଡ଼ି ସମୟରେ ଦୃଶ୍ୟମାନତାର ସ୍ଥିତିକୁ ଆଧାର କରି ନିର୍ଦ୍ଧାରିତ ସିଗନାଲ୍ ନିୟମ ପାଳନ କରିବାକୁ ଲୋକୋ ପାଇଲଟ୍‌ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଆଗାମୀ ଟ୍ରେନ୍ ସମ୍ପର୍କରେ ରେଳ ଫାଟକର ଗେଟମ୍ୟାନ୍ ଏବଂ ରାସ୍ତା ବ୍ୟବହାରକାରୀଙ୍କୁ ସତର୍କ କରାଇବା ପାଇଁ ବାରମ୍ବାର ହୁଇସିଲ୍ ବଜାଇବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ମହାପ୍ରବନ୍ଧକ ପ୍ଲାଟଫର୍ମ ସହିତ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥ ମଧ୍ୟ ନିରୀକ୍ଷଣ କରିଥିଲେ। ସେ ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ମୌଳିକ ସୁବିଧା ଓ ବ୍ୟବସ୍ଥାଗୁଡ଼ିକର ସ୍ଥିତି ସମୀକ୍ଷା କରିଥିଲେ। ଶ୍ରୀ ଫୁଙ୍କୱାଲ ଷ୍ଟେସନରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଗୁଣବତ୍ତା ଯାଞ୍ଚ କରିଥିଲେ। ଯାତ୍ରୀମାନଙ୍କୁ ନିରାପଦ ଓ ସ୍ୱାସ୍ଥ୍ୟକର ପାନୀୟ ଜଳ ଯୋଗାଇଦେବା ପାଇଁ ନିର୍ଦ୍ଧାରିତ ଗୁଣବତ୍ତା ମାନଦଣ୍ଡ କଡ଼ାକଡ଼ି ପାଳନ କରିବା ସହ ନିୟମିତ ଜଳ ପରୀକ୍ଷା ଓ ନିରୀକ୍ଷଣ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ନିରୀକ୍ଷଣ ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ।

ପଞ୍ଚୁକ, କାର୍ତ୍ତିକ ପୂର୍ଣ୍ଣିମା ଓ ଅଁଳା ନବମୀ ଅବସରରେ

ପୁରୀ ଏବଂ ସାକ୍ଷୀଗୋପାଳରେ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାର ସମୀକ୍ଷା କଲେ ଆଇଜିପି

ପୁରୀ/ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ପଞ୍ଚୁକ, କାର୍ତ୍ତିକ ପୂର୍ଣ୍ଣିମା ଏବଂ ଅଁଳା ନବମୀ ଭଳି ପବିତ୍ର ଧାର୍ମିକ ଅବସରରେ ଶ୍ରଦ୍ଧାଳୁମାନଙ୍କର ସମ୍ଭାବ୍ୟ ବିପୁଳ ସମାଗମକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ, କେନ୍ଦ୍ରାଞ୍ଚଳ ପକ୍ଷରୁ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାଞ୍ଚଳ ଆଇଜି ଡଃ ସତ୍ୟଜିତ ନାୟକ, ପୁରୀ ଏସ୍‌ପି ପ୍ରତୀକ ସିଂହ, ଏସ୍.ଏମ୍.ଏସ୍.ଭିର ଅଧିକାରୀ ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ପୁରୀ ଶ୍ରୀମନ୍ଦିରଠାରେ ପଞ୍ଚୁକ ଓ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହେବାକୁ ଥିବା ସୁରକ୍ଷା ଓ ଭିଡ଼ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଥିଲେ।



ସମୀକ୍ଷା ସମୟରେ ଆଇଜିପି ମନ୍ଦିର ପରିସର ଏବଂ ଏହାର ଆଖପାଖ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ, ସୁରକ୍ଷା କର୍ମୀଙ୍କ ମୁତୟନ, ଟ୍ରାଫିକ୍ ପରିଚାଳନା, ଧାର୍ଡ଼ିରେ ଶୃଙ୍ଖଳିତ ଦର୍ଶନ, ଶ୍ରଦ୍ଧାଳୁଙ୍କ ସୁଗମ ଯାତାୟାତ ଏବଂ ଆଇନଶୃଙ୍ଖଳା ରକ୍ଷା ଆଦି ବିଷୟରେ ପୋଲିସ ପ୍ରଶାସନର ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷିତ, ଶୃଙ୍ଖଳିତ ଓ ନିର୍ବିଘ୍ନ ଦର୍ଶନର ସୁଯୋଗ ଯୋଗାଇଦେବା ପାଇଁ ସୁଚିନ୍ତିତ ଯୋଜନା, ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ନିରନ୍ତର ତଦାରଖ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ସୁରକ୍ଷା ପ୍ରସ୍ତୁତିର ଅଂଶସ୍ୱରୂପ ନାୟକ, ସାକ୍ଷୀଗୋପାଳ ମନ୍ଦିରଠାରେ ପବିତ୍ର ଅଁଳା ନବମୀ ଓ ଶ୍ରୀରାଧା ପାଦ ଦର୍ଶନ ଅବସରରେ ହେବାକୁ ଥିବା ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ। ଏହି ପବିତ୍ର ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ରାଜ୍ୟ ବାହାରୁ ମଧ୍ୟ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଭିଡ଼ ପରିଚାଳନା, ପର୍ଯ୍ୟାପ୍ତ ପୋଲିସ ମୁତୟନ, ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ପଥର ନିୟନ୍ତ୍ରଣ ଏବଂ ମନ୍ଦିର ପ୍ରଶାସନ ସହ ଅନ୍ୟ ସମ୍ପୃକ୍ତ ବିଭାଗଗୁଡ଼ିକର ସମନ୍ୱୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମୀକ୍ଷା ପରେ ଆଇଜିପି ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଧିକ ସତର୍କ ଓ ସଜାଗ ରହିବା, କ୍ଷେତ୍ର ସ୍ତରରେ ନିୟମିତ ତଦାରଖ କରିବା ଏବଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ରହିବା ନିମନ୍ତେ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବ୍ୟବସ୍ଥାକୁ ସମନ୍ୱିତ ଓ ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କରିବା ସହ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା, ସୁବିଧା ଓ ସ୍ୱାଚ୍ଛନ୍ଦ୍ୟକୁ ସର୍ବାଧିକ ପ୍ରାଥମିକତା ଦେବାକୁ ସେ ଗୁରୁତ୍ୱ ଦେଇଥିଲେ। ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଧାର୍ମିକ ଉତ୍ସବ ପାଳନ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ପୋଲିସ, କେନ୍ଦ୍ରାଞ୍ଚଳ ପ୍ରତିଶ୍ରୁତିବଦ୍ଧ। ସକ୍ରିୟ ପୋଲିସିଂ, ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା, ଦକ୍ଷ ଟ୍ରାଫିକ୍ ପରିଚାଳନା ଏବଂ ପ୍ରଭାବଶାଳୀ ଭିଡ଼ ନିୟନ୍ତ୍ରଣ ମାଧ୍ୟମରେ ଶ୍ରଦ୍ଧାଳୁମାନଙ୍କୁ ଏକ ସୁରକ୍ଷିତ ଓ ସୁବ୍ୟବସ୍ଥିତ ପରିବେଶ ଯୋଗାଇଦେବା ଦିଗରେ ପୋଲିସ ପ୍ରଶାସନ ସବୁବେଳା ସଚେଷ୍ଟ ରହିଛି।

ଆଜି ବିଧାୟକମାନଙ୍କର ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସୋମବାର ବିଧାୟକମାନଙ୍କ ପାଇଁ ଆୟୋଜିତ ହେବ ସ୍ୱତନ୍ତ୍ର ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ । ଏହି ଦିନିକିଆ କାର୍ଯ୍ୟକ୍ରମରେ ମୋଟ ୩ଟି ସେସନ୍ ରହିବ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ଉପରାଷ୍ଟ୍ରପତି। ଏଥିପାଇଁ ଦିନିକିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି ଉପରାଷ୍ଟ୍ରପତି। ଉଦ୍‌ଘାଟନୀ ସେସନ୍ ପରେ ସଂସଦୀୟ କମିଟି ଏବଂ ବିଧାନସଭା କମିଟି ସମ୍ପର୍କରେ ଆଲୋଚନା ହେବ। ଏହି ସେସନ୍‌କୁ ବିଷୟଭିତ୍ତିକ ବିଶେଷଜ୍ଞ ସମ୍ବୋଧିତ କରିବେ। ପରବର୍ତ୍ତୀ ସେସନ୍‌ରେ ବଜେଟ୍ ସମ୍ପର୍କରେ ଆଲୋଚନା କରାଯିବ। ସମସ୍ତ ବିଧାୟକଙ୍କ ପାଇଁ ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଧାନସଭାର ବିଧିବ୍ୟବସ୍ଥା, କାର୍ଯ୍ୟପ୍ରଣାଳୀ ଏବଂ ପରିବର୍ତ୍ତିତ ପରିସ୍ଥିତି ସମ୍ପର୍କରେ ବିଧାୟକମାନଙ୍କୁ ଅବଗତ କରାଯିବ। ସକାଳ ୯ଟାରେ ବିଧାୟକମାନେ ପହଞ୍ଚିବା ପରେ ୧୦ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ବାଚସ୍ପତି ସୁରମା ପାଢୀ ସୂଚନା ଦେଇଛନ୍ତି।

ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡର ପଶୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ



ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ବେହେରାପାଲି, ପଣ୍ଡରିପଥର, କୁରେବଗା ଓ କଟିକେଲା ଗ୍ରାମରେ ପର୍ଯ୍ୟାୟକ୍ରମେ ପଶୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଏହି ଶିବିର ମାଧ୍ୟମରେ ପ୍ରାୟ ୪୦୦ଟି ଗୃହପାଳିତ ପଶୁଙ୍କୁ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବାବେଳେ ୫୦ରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ଗ୍ରାମାଞ୍ଚଳର ପରିବାରଗୁଡ଼ିକର ଜୀବିକାର ଏକ ପ୍ରମୁଖ ଆଧାର ହୋଇଥିବା ପଶୁସମ୍ପଦର ସୁରକ୍ଷା ଏବଂ ସମୟୋପଯୋଗୀ ଚିକିତ୍ସା ସେବା ଉପଲବ୍ଧ କରାଇବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

ପଶୁପାଳକମାନଙ୍କ ନିକଟରେ ଆବଶ୍ୟକ ପ୍ରାଣୀ ଚିକିତ୍ସା ସେବା ପହଞ୍ଚାଇବା ସହ ପଶୁମାନଙ୍କ ସ୍ୱାସ୍ଥ୍ୟ, ଉତ୍ପାଦନ କ୍ଷମତା ଓ ଗ୍ରାମୀଣ ଜୀବିକାର ଉନ୍ନତି ଉପରେ ଏହି ଶିବିରଗୁଡ଼ିକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ସାଧାରଣ ଶ୍ୱାସଜନିତ ରୋଗ ସମେତ ବିଭିନ୍ନ ପଶୁ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା କରାଯିବା ସହ ଆବଶ୍ୟକ ଔଷଧ, ଇଞ୍ଜେକ୍ସନ, ଖଣିଜ ମିଶ୍ରଣ ଓ କୃମିନାଶକ ସେବା ଯୋଗାଇ ଦିଆଯାଇଥିଲା। ଏଥିସହ ପଶୁମାନଙ୍କୁ ସନ୍ତୁଳିତ ଖାଦ୍ୟ, ଖଣିଜ ପଦାର୍ଥର ଆବଶ୍ୟକତା ଏବଂ ରୋଗ ପ୍ରତିରୋଧକ ଯତ୍ନ ସମ୍ପର୍କରେ ଚାଷୀମାନଙ୍କୁ ବ୍ୟବହାରିକ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା।

ଏହି ଶିବିରରେ ଝାରସୁଗୁଡ଼ାର ଉପନିର୍ଦ୍ଦେଶକ, ପ୍ରାଣୀ ଚିକିତ୍ସା ଓ ପଶୁପାଳନ ବିଭାଗ (ଡିଡିଭିଏଚ୍) ଡାକ୍ତର ସୁଧାଂଶୁ ଶେଖରଙ୍କ ସମେତ ସରକାରୀ ପଶୁଧନ ନିରୀକ୍ଷକ, କୃତ୍ରିମ ପ୍ରଜନନ ବୈଷୟିକ କର୍ମଚାରୀ ଏବଂ ଭାରତୀୟ କୃଷି ଶିଳ୍ପ ପ୍ରତିଷ୍ଠାନ (ବାଇଫ୍)ର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ପ୍ରାଣୀ ଚିକିତ୍ସା ଦଳ ପଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ ଏବଂ ପଶୁମାନଙ୍କ ସୁସ୍ଥତା ଓ ଉତ୍ପାଦନ ବୃଦ୍ଧି ପାଇଁ ବୈଜ୍ଞାନିକ ପଦ୍ଧତିରେ ପଶୁପାଳନ ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଜନଜାତି ବର୍ଗଙ୍କ...

ଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାଲକାନଗିରି ଜିଲ୍ଲାର ବିକାଶ ଉପରେ ତାଙ୍କର ସମ୍ପୂର୍ଣ୍ଣ ଫୋକସ୍ ରହିଛି। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଟିମ୍ ଓଡ଼ିଶାରେ ସାମିଲ୍ ହେବା ପାଇଁ ଟିମ୍ ମାଲାକାନଗିରି ଗଠନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ମହାରାଷ୍ଟ୍ରର ଗଡଚିରୋଲୀଠାରେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇ ଉଦ୍‌ବୋଧନ ଦେବା ପରେ ମାଲକାନଗିରିଠାରେ ରାଜ୍ୟସ୍ତରୀୟ ସମାବେଶ ଆରମ୍ଭ ହୋଇଥିଲା। ଏହି ଗୌରବମୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାର ସର୍ବାଙ୍ଗୀଣ ବିକାଶ ପାଇଁ ୧୬୧ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଭେଟି ଦେଇଛନ୍ତି। ଏଥିମଧ୍ୟରୁ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ପ୍ରସାର ନିମନ୍ତେ ୫୫ କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ୨୮ଟି ନୂତନ ଛାତ୍ରାବାସ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ବେଳେ, ଜିଲ୍ଲାର ଭିତ୍ତିଭୂମି ଓ ସାମଗ୍ରିକ ଉନ୍ନତି ପାଇଁ ୧୦୬ କୋଟି ଟଙ୍କା ବିନିଯୋଗରେ ୩୫ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଜାତି ପରିବାରଗୁଡ଼ିକର ଆର୍ଥିକ ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦' ଆରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚ ବର୍ଷରେ ୧୯ଟି ଜିଲ୍ଲାର ୧୩୪ଟି ବ୍ଲକର ପ୍ରାୟ ୮ ଲକ୍ଷ ଅନୁସୂଚିତ ଜନଜାତି ଓ ବିଶେଷ ଅନୁନ୍ନତ ଜନଜାତି ପରିବାରକୁ ସଶକ୍ତ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ପାଇଁ ଓଡିଶାକୁ ୪ ଲକ୍ଷ ଘର ଆବଣ୍ଟନ ହୋଇଥିଲା। ତାଙ୍କର ବ୍ୟକ୍ତିଗତ ଅନୁରୋଧ ପରେ ଏହାକୁ ଆଉ ୧ ଲକ୍ଷ ବଢା ଯାଇ ୫ ଲକ୍ଷ ଘର ଆବଣ୍ଟନ କରାଯାଇଛି। ତେବେ ସେ ଆହୁରି ୧ ଲକ୍ଷ ଘର ପାଇଁ ଦାବି କରିଛନ୍ତି। ଖୁବ୍ ଶୀଘ୍ର ଏହା ପୂରଣ ହେବ ବୋଲି ସେ ଦୃଢ଼ ଆଶା ପୋଷଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଚ୍ଚଶିକ୍ଷା କ୍ଷେତ୍ରରେ ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମରେ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ୨୨.୫ ପ୍ରତିଶତ, ଅନୁସୂଚିତ ଜାତିଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ପଛୁଆ ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବା ସହିତ ଓଡ଼ିଶାରେ ଏକକାଳୀନ ୨୪ଟି ନୂତନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇ ମୋଟ ସଂଖ୍ୟା ୭୧ରେ ପହଞ୍ଚିଛି, ଯାହା ସମଗ୍ର ଦେଶରେ ସର୍ବାଧିକ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଦୃଢ଼ ନେତୃତ୍ୱର ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୋଦୀଙ୍କ ନେତୃତ୍ୱରେ ଦେଶ ଆଜି ବିକାଶର ନୂଆ ଶିଖରରେ ପହଞ୍ଚିଛି। ଶିକ୍ଷ, ଭିତ୍ତିଭୂମି ଓ ଅର୍ଥନୀତିର ଉନ୍ନତି ସହିତ ଗରିବ ଲୋକଙ୍କ କଲ୍ୟାଣ ଓ ସଶକ୍ତିକରଣ କାର୍ଯ୍ୟକ୍ରମ ସଫଳ ଭାବେ ଲୋକଙ୍କ ପାଖରେ ପହଞ୍ଚିଛି। ମ

ରବିବାସରୀୟ କଳିଙ୍ଗ

ଓଡ଼ିଆ ପତ୍ରିକା

ଭୁବନେଶ୍ୱର, ୧୬ ନଭେମ୍ବର, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

କିଟ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଛଟ୍ ପୂଜା

ଭୁବନେଶ୍ୱର,୧୫ ।୧୧
ନ୍ୟୁଜ ବ୍ୟୁରୋ

କିଟ୍ ବିଶ୍ୱବିଦ୍ୟାଳୟରେ ଉତ୍ତର ଭାରତର ଗଣପର୍ବ ଛଟ୍ ପୂଜା ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଉତ୍ତର ଭାରତର ଛାତ୍ରଛାତ୍ରୀମାନେ ଯୋଗଦେଇ ଛଠି ମାତାଙ୍କ ଆରାଧନା କରିଥିଲେ । ଛଟ୍ ପୂଜା ଅବସରରେ ଡ. ସାମନ୍ତ ସମବେତ ଛାତ୍ରଛାତ୍ରୀଙ୍କୁ ଛଟ୍ ଅଭିନନ୍ଦନ ଜଣାଇବା ସହ ଛଠି ମାଆ ସମସ୍ତଙ୍କୁ ସୁସ୍ଥ ରଖିବା



ସହ ସୂର୍ଯ୍ୟଦେବ ସମସ୍ତଙ୍କ ଜୀବନରେ ଭଲପାଇବା, ଖୁସି, ଶାନ୍ତି ଓ ସମୃଦ୍ଧିରେ ଆଲୋକିତ କରନ୍ତୁ ବୋଲି କାମନା କରିଥିଲେ । ସୂଚନାଯୋଗ୍ୟ, କିଟ୍‌ରେ ବିଭିନ୍ନ ରାଜ୍ୟ ଓ ଭାଷାଭାଷୀର ଛାତ୍ରଛାତ୍ରୀମାନେ ପାଠ ପଢୁଥିବାବେଳେ ବର୍ଷର ବିଭିନ୍ନ ସମୟରେ ସେମାନଙ୍କର ବିଭିନ୍ନ ପର୍ବ ଏଠାରେ ପାଳନ କରାଯାଇଥାଏ ।

ନରେନ୍ଦ୍ର ପୁଷ୍କରିଣୀରେ ଭକ୍ତଙ୍କ ପାଇଁ ବଢ଼ିବ ସୁବିଧା

ଉନ୍ନତିମୂଳକ କାର୍ଯ୍ୟର ତଦାରଖ କଲେ ମୁଖ୍ୟ ପ୍ରଶାସକ

ପୁରୀ ୧୫।୧୧ ନ୍ୟୁଜ ବ୍ୟୁରୋ
ନରେନ୍ଦ୍ର ପୁଷ୍କରିଣୀର ପାରିପାର୍ଶ୍ୱିକ ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ। ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ସମେତ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ବୁଡ ପକାଇବା ସହ ଦଶାହ କାର୍ଯ୍ୟ ଇତ୍ୟାଦି କରୁଥିବାରୁ ସେମାନଙ୍କୁ ଆନୁସଙ୍ଗିକ ସୁବିଧା ଯୋଗାଇବା ପାଇଁ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି । ନରେନ୍ଦ୍ର ପୁଷ୍କରିଣୀ ସମ୍ମୁଖରେ ବ୍ୟାପକ ଟଏଲଟର ବ୍ୟବସ୍ଥା ହୋଇଥିବା ବେଳେ ଏବେ ସେଠାରେ ଅଭ୍ୟର୍ଥନା



କେନ୍ଦ୍ର ସହ ସୂଚନାକେନ୍ଦ୍ର ଓ ମହାପ୍ରସାଦ ସେବନ ପାଇଁ ଏକ କକ୍ଷ ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ତେବେ ନବନିର୍ମିତ କୋଠାର ପ୍ରଥମ ମହଲାରେ ଚନ୍ଦନଯାତ୍ରା ସମୟରେ ଭଜନ ପରିବେଷଣ କରାଯିବ ଓ ତଳେ ଥିବା ସମସ୍ତ ଭକ୍ତମାନେ ଏହାକୁ କିଭଳି ଦେଖିପାରିବେ ସେନେଇ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିବା କହିଛନ୍ତି ମୁଖ୍ୟ ପ୍ରଶାସକ। ତେବେ ନିର୍ମାଣ କାର୍ଯ୍ୟ କଳିଙ୍ଗ ସ୍ଥାପତ୍ୟ ଡିଜାଇନରେ କରାଯାଉଥିବା କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢୀ।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ

୭୨୦ ବିଦ୍ୟାର୍ଥୀଙ୍କୁ ପ୍ରଦାନ କରାଗଲା ଡିଗ୍ରୀ

୨୯ ଜଣଙ୍କୁ ସ୍ୱର୍ଣ୍ଣ, ୨୪ ଜଣଙ୍କୁ ରୌପ୍ୟ ଓ ୧୭ ଜଣଙ୍କୁ କାଂସ୍ୟ ପଦକ

କଟକ, ୧୫/୧୧ ନ୍ୟୁଜ ବ୍ୟୁରୋ
ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଉ ଏକ ସଫଳତାର ଅଧ୍ୟାୟ ଯୋଡ଼ିଛି ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ତ୍ରୟୋଦଶ ସମାବର୍ତ୍ତନ ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ମୋଟ ୭୨୦ ଜଣ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ବିଭାଗରେ ଡିଗ୍ରୀ ପ୍ରଦାନ କରାଯାଇଥିବାବେଳେ ଶିକ୍ଷାକ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କୃତୀ ବିଦ୍ୟାର୍ଥୀଙ୍କୁ ପଦକ ପ୍ରଦାନ କରି ସମ୍ମାନିତ କରାଯାଇଛି। ଉପାଧି ହାସଲ କରିଥିବା ୭୨୦ ଜଣଙ୍କ ମଧ୍ୟରେ ୪୫୦ ଜଣ ସ୍ନାତକ, ୨୧୬ ଜଣ ସ୍ନାତକୋତ୍ତର ଏବଂ ୫୪ ଜଣ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ଶିକ୍ଷାରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ୨୯ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୨୪ ଜଣଙ୍କୁ ରୌପ୍ୟ ପଦକ ଏବଂ ୧୭ ଜଣଙ୍କୁ କାଂସ୍ୟ ପଦକ ପ୍ରଦାନ କରାଯାଇଛି। ଏହି ଗରିମାମୟ ସମାରୋହରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚନ୍ଦ୍ରିକା କ୍ରିଷ୍ଣମୂର୍ତ୍ତି ଟଣ୍ଡନ ଯୋଗଦେଇଥିବାବେଳେ ବିଶ୍ୱବିଦ୍ୟାଳୟର କୁଳାଧ୍ୟକ୍ଷ ଆଦେଶ ଗୋୟଲ ମଧ୍ୟ ନିଜର ଅଭିଭାଷଣ ରଖିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ଆଜୀବନ ସଭାପତି ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ କୁଳସଚିବ ଶୁଭଜ୍ୟୋତି ଘୋଷ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ କୁଳପତି ପ୍ରଫେସର ତେଜ ପ୍ରତାପ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କୃତୀ ବିଦ୍ୟାର୍ଥୀଙ୍କୁ ପଦକ ପ୍ରଦାନ ସହ ଡକ୍ଟରେଟ୍ ଉପାଧିପ୍ରାପ୍ତ ଗବେଷକମାନଙ୍କୁ ଶପଥ ପାଠ କରାଯାଇ ଉପାଧି ପ୍ରଦାନ କରାଯାଇଥିଲା। ସ୍ନାତକ ଓ ସ୍ନାତକୋତ୍ତର ଉପାଧିପ୍ରାପ୍ତ ବିଦ୍ୟାର୍ଥୀମାନେ ମଧ୍ୟ ଶପଥ ଗ୍ରହଣ କରିଥିଲେ। ସମାବର୍ତ୍ତନ ଉତ୍ସବ କେବଳ ଡିଗ୍ରୀ ପ୍ରଦାନର ଏକ ଔପଚାରିକ କାର୍ଯ୍ୟକ୍ରମ ନୁହେଁ, ବରଂ ବିଦ୍ୟାର୍ଥୀଙ୍କ ଦୀର୍ଘ ଶିକ୍ଷାଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ସଫଳତାର ସ୍ୱୀକୃତି। ଏହି ଉତ୍ସବ ମାଧ୍ୟମରେ ନୂତନ ଡିଗ୍ରୀଧାରୀମାନେ ନିଜ ଜ୍ଞାନ, ଦକ୍ଷତା ଓ ଅନୁଭୂତିକୁ ସମାଜର ବୃହତ୍ତର ସ୍ୱାର୍ଥରେ ଉପଯୋଗ କରିବାର ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି। ଶେଷରେ ଜାତୀୟ ସଙ୍ଗୀତ ପରିବେଷଣ ଓ ଧନ୍ୟବାଦ ଅର୍ପଣ ସହ ସମାରୋହର ପରିସମାପ୍ତି ଘଟିଥିଲା।

ଇତିହାସ ରଚିଲା ଦିଲ୍ଲୀ ଏମ୍ସ

ଜନ୍ମ ପୂର୍ବରୁ ଶିଶୁର ମେରୁଦଣ୍ଡ ଅସ୍ତ୍ରୋପଚାର

ନୂଆଦିଲ୍ଲୀ, ୧୫/୧୧
ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନୂଆ ଇତିହାସ ରଚିଲା ଦିଲ୍ଲୀ ଏମ୍ସ । ଜନ୍ମ ପୂର୍ବରୁ ଗର୍ଭସ୍ଥ ଶିଶୁର ମେରୁଦଣ୍ଡରେ ସଫଳ ଅସ୍ତ୍ରୋପଚାର କରି ବିରଳ ସଫଳତା ହାସଲ କରିଛନ୍ତି ଡାକ୍ତରୀ ଦଳ। ଦେଶର ସରକାରୀ ଡାକ୍ତରଖାନାରେ ଏଭଳି ଇନ୍-ୟୁଟେରୋ ସର୍ଜରୀ ପ୍ରଥମ ଘଟଣା ବୋଲି କୁହାଯାଉଛି। ସୂଚନା ଅନୁସାରେ, ଗର୍ଭାବସ୍ଥାରେ ଥିବା ଶିଶୁର ମେରୁଦଣ୍ଡରେ ଏକ ଜନ୍ମଗତ ତ୍ରୁଟି ଥିବା ଜଣାପଡ଼ିଥିଲା। ଚିକିତ୍ସା ବିଜ୍ଞାନରେ ଏହାକୁ 'ସ୍ପାଇନା ବାଇଫିଡା' କୁହାଯାଏ । ଏହି ସମସ୍ୟା ଯୋଗୁଁ ଶିଶୁର ସ୍ନାୟୁ କ୍ଷତିଗ୍ରସ୍ତ ହେବା ସହ ଜନ୍ମ ପରେ ପକ୍ଷାଘାତ ଭଳି ଗୁରୁତର ଶାରୀରିକ ସମସ୍ୟା ଦେଖାଦେବାର ଆଶଙ୍କା ଥିଲା । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ଏମ୍ସର ଅଭିଜ୍ଞ ଡାକ୍ତରୀ ଦଳ ଜନ୍ମ ପୂର୍ବରୁ ହିଁ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲେ । ଗର୍ଭଧାରଣର ପ୍ରାୟ ୨୪ରୁ ୨୬ ସପ୍ତାହ ମଧ୍ୟରେ ଏହି ଜଟିଳ



ଅସ୍ତ୍ରୋପଚାର କରାଯାଇଥିଲା। ଗର୍ଭାଶୟକୁ ସମ୍ପୂର୍ଣ୍ଣ ନଖୋଲି ଅତି ଛୋଟ ଛିଦ୍ର ଓ କ୍ୟାମେରା ସହାୟତାରେ ସର୍ଜରୀ ସମ୍ପନ୍ନ କରାଯାଇଥିଲା। ଏହି ବିରଳ ଅସ୍ତ୍ରୋପଚାରରେ ପ୍ରସୂତି ବିଭାଗ, ନ୍ୟୁରୋସର୍ଜରୀ, ପେଡିଆଟ୍ରିକ୍ ସର୍ଜରୀ ଏବଂ ଆନେସ୍ଥେସିଆ ବିଭାଗର ବିଶେଷଜ୍ଞମାନେ ସାମିଲ ହୋଇଥିଲେ। ସର୍ଜରୀ ଦ୍ୱାରା ଶିଶୁର ମସ୍ତିଷ୍କରେ ପାଣି ଜମିବା ଭଳି ଜଟିଳତାକୁ ମଧ୍ୟ ରୋକିବାରେ ସହାୟତା ମିଳିଛି ବୋଲି ସୂଚନା ରହିଛି । ସବୁଠାରୁ ଆଶ୍ୱସ୍ତିର କଥା ହେଉଛି, ଅସ୍ତ୍ରୋପଚାର ପରେ ମାଆ ଓ ଗର୍ଭସ୍ଥ ଶିଶୁ ଉଭୟ ସୁସ୍ଥ ଅଛନ୍ତି । ଶିଶୁର ମେରୁଦଣ୍ଡ ମଧ୍ୟ ସ୍ୱାଭାବିକ ଭାବେ ବିକଶିତ ହେଉଥିବା ଜଣାପଡ଼ିଛି। ପୂର୍ବରୁ ଆମେରିକା ଓ ୟୁରୋପର କିଛି ଦେଶରେ ଏଭଳି ଅତ୍ୟାଧୁନିକ ଗର୍ଭସ୍ଥ ଶିଶୁ ଅସ୍ତ୍ରୋପଚାର ସମ୍ଭବ ହେଉଥିଲା। ବିଦେଶରେ ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଦିଲ୍ଲୀ ଏମ୍ସରେ ସ୍ୱଳ୍ପ ଖର୍ଚ୍ଚରେ ଏହା ସମ୍ଭବ ହୋଇଛି। ଏହି ସଫଳତା ଭାରତର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ବଡ଼ ମାଇଲଖୁଣ୍ଟ।

ରେଲୱେ ଟ୍ରାକରେ ଜୀବନ ହାରିଦେଲେ ୨୮ ବର୍ଷୀୟ ପୋଲିସ ଅଫିସର୍

ବଲିଆ, ୧୫/୧୧
ମହିଳାଙ୍କ ବ୍ଲାକମେଲ୍ ସହି ନପାରି ଜୀବନ ହାରିଦେଲେ ଯୁବ ପୋଲିସ ଅଧିକାରୀ । ରେଲୱେ ଟ୍ରାକରୁ ପୋଲିସ ଅଧିକାରୀଙ୍କ ମୃତଦେହ ମିଳିଛି । ଉତ୍ତରପ୍ରଦେଶର ବଲିଆ ଜିଲ୍ଲାରେ ଜଣେ ୨୮ ବର୍ଷୀୟ ପୋଲିସ ସବ୍-ଇନ୍‌ସପେକ୍ଟରଙ୍କ ମୃତ୍ୟୁ ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଜଣେ ମହିଳାଙ୍କ ବ୍ଲାକମେଲ୍ ଓ ବିବାହ ପାଇଁ ଚାପ ଯୋଗୁଁ ସେ ମାନସିକ ଚାପରେ ଥିବା ପୋଲିସ ପକ୍ଷରୁ କୁହାଯାଇଛି । ବଲିଆ ଆରକ୍ଷୀ ଅଧିକ୍ଷକ ଇରାଜ ରାଜାଙ୍କ ସୂଚନା ଅନୁସାରେ, ଗତ ଶନିବାର ରାତି ପ୍ରାୟ ୭ଟାରୁ ୮ଟା ମଧ୍ୟରେ ପୋଲିସକୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ସମ୍ପର୍କରେ ଖବର ମିଳିଥିଲା।

ମୃତ୍ୟୁ ପରେ ବି ଅମର : କିଡ୍‌ନୀ ଓ ଯକୃତ ଦାନ କଲେ ୧୦ ବର୍ଷୀୟା ଦିବ୍ୟାଶି

ପୁରୀ, ୧୫/୧୧ ନ୍ୟୁଜ ବ୍ୟୁରୋ
ମୃତ୍ୟୁ ପରେ ବି ଅମର ! କିଡ୍‌ନୀ ଓ ଯକୃତ ଦାନ କରି ସବୁଦିନ ପାଇଁ ଅମର ପାଲଟିଗଲେ ଗଞ୍ଜାମର ୧୦ ବର୍ଷର ଝିଅ ଦିବ୍ୟାଶି ପାତ୍ର । କୁନି ଝିଅ ମୃତ୍ୟୁ ସହ ଲଢି ସିନା ହାରିଯାଇଛି, କିନ୍ତୁ ସବୁଦିନ ପାଇଁ ଅମର ପାଲଟି ଯାଇଛି । ଶନିବାର ତାଙ୍କର ପୁରୀ ସ୍ୱର୍ଗଦ୍ୱାରରେ ଗାର୍ଡ ଅଫ୍ ଅନର୍ ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଲୁହଭିଜା ଆଖିରେ ଦିବ୍ୟାଶିଙ୍କୁ ବିଦାୟ ଦେଇଛନ୍ତି ଆତ୍ମୀୟ ସ୍ୱଜନ । ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ଚାରିଆଡେ ପ୍ରଶଂସା କରାଯାଉଛି। ସୂଚନା ମୁତାବକ, ଗତ ନଭେମ୍ବର ୧ରେ ଭୁବନେଶ୍ୱରର ଡମଣାହାଟ ଠାରେ ଏକ ଦୁର୍ଘଟଣାରେ ଦିବ୍ୟାଶି ଓ ତାଙ୍କ ବାପା ଗୁରୁତର ହୋଇଥିଲେ । ସେମାନେ



ମୋଟରସାଇକେଲରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ କାର୍ ଧକ୍କା ଦେଇଥିଲା। କୁନି ଝିଅ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ବାପାଙ୍କ ହାତ ଭାଙ୍ଗି ଯିବାରୁ ସେ ମଧ୍ୟ ଚିକିତ୍ସିତ ହେଉଥିଲେ । ଚିକିତ୍ସା ପରେ ବାପା ସୁସ୍ଥ ହୋଇଛନ୍ତି । ହେଲେ ଶଯ୍ୟାରେ ଜୀବନମରଣ ସହ ସଂଘର୍ଷ କରି ଶେଷରେ ଏହି କୁନି ଝିଅ କ୍ୟାପିଟାଲ ହସ୍ପିଟାଲରେ ଆରପାରିକୁ ଚାଲିଯାଇଛି । ଦିବ୍ୟାଶି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଠାରେ ଥିବା ଡିଏଭି ସ୍କୁଲରେ ପାଠପଢୁଥିଲେ । ତାଙ୍କ ବାପା ଏଠାରେ କାର୍ଯ୍ୟ କରୁଥିଲେ । ତାଙ୍କ ମା' ମଧ୍ୟ ଶିକ୍ଷୟିତ୍ରୀ । ଏକମାତ୍ର ଶିଶୁକୁ ହରାଇ ବାପା, ମା' ଓ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି । କୁନି ଝିଅର ଅନ୍ତିମ ସଂସ୍କାର ବେଳେ ସ୍ୱର୍ଗଦ୍ୱାରରେ ଶୋକର ଛାୟା ଖେଳି ଯାଇଥିଲା । କୁନି ଝିଅର ବାପା ସଂଗ୍ରାମ ପାତ୍ର ଓ ମା' ମଧ୍ୟ ଅନ୍ତିମ ସଂସ୍କାର ବେଳେ ଉପସ୍ଥିତ ଥିଲେ । ମାମୁ ଦେବବ୍ରତ ପାତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ଏହି ଶିଶୁର ଶେଷକୃତ୍ୟ ନିମନ୍ତେ ସମସ୍ତ ସୁବନ୍ଦୋବସ୍ତ କରାଯାଇଥିଲା । କୁନି ଝିଅର ଅବଦାନ ନିମନ୍ତେ ତାଙ୍କର ଆତ୍ମାର ସଦଗତି କାମନା ସହ ପୋଲିସ ବାହିନୀ ପକ୍ଷରୁ ସ୍ୱର୍ଗଦ୍ୱାର ଠାରେ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା । ସେ ସିନା ଚାଲିଗଲା । ହେଲେ ଦୁଇଜଣଙ୍କୁ ଅଙ୍ଗଦାନ କରି ଅମର ହୋଇ ରହିଗଲା । ଏହି ପ୍ରେରଣା, ତ୍ୟାଗ, ମାନବିକତା ଓ ମୂଲ୍ୟବୋଧର ଉଦାହରଣ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ତେବେ ଲୁହାଭିଜା ଆଖିରେ ସମସ୍ତେ ଦିବ୍ୟାଶିଙ୍କୁ ବିଦାୟ ଦେଇଛନ୍ତି । ତାଙ୍କ ମହତ କାର୍ଯ୍ୟ ପାଇଁ ପ୍ରଶଂସା କରିଛନ୍ତି । ସ୍ଥାନୀୟ ଲୋକେ କହିଛନ୍ତି, ବାଃ ବାଃ ଦିବ୍ୟାଶି । କୁନି ଝିଅର ମହତ କାର୍ଯ୍ୟ ସମସ୍ତେ ମନେ ରଖିବେ ।

ବିବିଧତା ମଧ୍ୟରେ ଏକତା ଭାରତର ପରିଚୟ: ରାଜ୍ୟପାଳ

ଭୁବନେଶ୍ୱର, ୧୫।୧୧ ନ୍ୟୁଜ ବ୍ୟୁରୋ
ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ପରିଚୟ । ପ୍ରତ୍ୟେକ ଭାଷାକୁ ସମ୍ମାନ, ପ୍ରତ୍ୟେକ ସଂସ୍କୃତିକୁ ଗୁରୁତ୍ୱ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସମାନ ପ୍ରଗତିର ସୁଯୋଗ ମିଳୁଥିବା ଏକ ଭାରତ ଗଠନ ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ । ଲୋକଭବନ ପରିସରସ୍ଥିତ ନ୍ୟୁ ଅଭିଷେକ ହଲ୍ ଠାରେ ଝାଡଖଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ଓ ଜନଜାତୀୟ ଗୌରବ ଦିବସ ପାଳନ ସମାରୋହରେ ଯୋଗଦେଇ ରାଜ୍ୟପାଳ ବ୍ରଜମୋହନ ରାମ ଏହା କହିଛନ୍ତି। ଏହି ଉତ୍ସବ ଦୁଇ ରାଜ୍ୟ ମଧ୍ୟରେ ରହିଥିବା ସାଂସ୍କୃତିକ ସମ୍ପର୍କ, ଗୌରବ ଓ ଐତିହ୍ୟର ଉତ୍ସବ ବୋଲି ଅଭିହିତ କରିଥିଲେ। ମହାନ ଜନଜାତି ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରାଜ୍ୟପାଳ କହିଥିଲେ ଯେ, ତାଙ୍କର ସାହସ, ତ୍ୟାଗ ଓ ଆତ୍ମସମ୍ମାନ ପ୍ରତି ନିଷ୍ଠା ପିଢ଼ି ପରେ ପିଢ଼ିକୁ ପ୍ରେରଣା ଯୋଗାଇ ଆସୁଛି। ଆଦିବାସୀଙ୍କ ଅଧିକାର, ସଂସ୍କୃତି ଓ ମର୍ଯ୍ୟାଦାର ସୁରକ୍ଷା ପାଇଁ ବିର୍ସା ମୁଣ୍ଡା ଇଂରେଜ ଶାସନ ବିରୋଧରେ ଐତିହାସିକ ଉଲଗୁଲାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହା କେବଳ ସ୍ୱାଧୀନତା ସଂଗ୍ରାମ ନଥିଲା, ବରଂ ଜଳ, ଜଙ୍ଗଲ ଓ ଜମି ସହ ଜନଜାତିଙ୍କ ପରିଚୟ ଓ ଆତ୍ମସମ୍ମାନର ସୁରକ୍ଷା ପାଇଁ ଏକ ଆନ୍ଦୋଳନ ଥିଲା ବୋଲି ସେ କହିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟରେ ଭରପୂର ଝାଡ଼ଖଣ୍ଡର ପ୍ରଶଂସା କରି ରାଜ୍ୟପାଳ ନେତରହାଟ, ହୁଣ୍ଡରୁ, ଦଶମ, ଜହ୍ନା ଓ ଲୋଧ ଜଳପ୍ରପାତ ସମେତ ରାଜ୍ୟର ଜଙ୍ଗଲ, ପାହାଡ଼ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବେତଲା ଜାତୀୟ ଉଦ୍ୟାନର ଜୈବ ବିବିଧତା ଏବଂ ଦେଓଘରସ୍ଥିତ ବାବା ବୈଦ୍ୟନାଥ ଧାମର ଧାର୍ମିକ ମହତ୍ତ୍ୱ ସମ୍ପର୍କରେ ମଧ୍ୟ ରାଜ୍ୟପାଳ ଅବତାରଣା କରିଥିଲେ। ଝାଡ଼ଖଣ୍ଡର ମାଟିର ପୁଅ ଭାବେ ଏହି ରାଜ୍ୟ ସହ ତାଙ୍କର ଗଭୀର ଭାବନାତ୍ମକ ସମ୍ପର୍କ ରହିଛି ବୋଲି ରାଜ୍ୟପାଳ କହିଥିଲେ। ଏହାର ପରମ୍ପରା, ଲୋକସଂସ୍କୃତି ଓ ପରିଶ୍ରମୀ ଜନସାଧାରଣଙ୍କ ପାଇଁ ସେ ଗର୍ବ ଅନୁଭବ କରୁଥିବା ପ୍ରକାଶ କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଉଭୟ ରାଜ୍ୟର ଐତିହାସିକ, ଭୌଗୋଳିକ ଓ ସାଂସ୍କୃତିକ ମୂଳଦୁଆ ସମାନ। ବିଶେଷକରି ଜନଜାତି ଐତିହ୍ୟ ଉଭୟ ରାଜ୍ୟକୁ ଯୋଡ଼ି ରଖିଛି। ସୀମାନ୍ତ ଅଞ୍ଚଳର ଲୋକମାନେ ଦୀର୍ଘଦିନ ଧରି ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ବଜାୟ ରଖିଛନ୍ତି। ପ୍ରକୃତି ପ୍ରତି ସମ୍ମାନ ଓ ସାମୂହିକ ଭାବନା ଉଭୟ ରାଜ୍ୟର ସାଧାରଣ ମୂଲ୍ୟବୋଧ ବୋଲି ରାଜ୍ୟପାଳ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାରେ ରହୁଥିବା ଝାଡ଼ଖଣ୍ଡର ମୂଳ ବାସିନ୍ଦାମାନେ ନିଜର ଅନୁଭୂତି ବାଣ୍ଟିଥିଲେ। ଏଥିରେ ସିଆରପିଏଫ୍ ଡିଆଇଜି ରବୀନ୍ଦ୍ର କୁମାର ମଧ୍ୟ ନିଜ ଅନୁଭବ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ସଂଗ୍ରହ କରନ୍ତୁ ! ସଂଗ ହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିଙ୍ଗ' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରରୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧